# ଶିବ ପଞ୍ଚାକ୍ଷର ମନ୍ତ୍ରରେ କମ୍ପିଲା ଶୈବପୀଠ





**ଭବାନୀପାଟଣା, ୧୫।୨(ସମିସ)**

ମହାଶିବରାତ୍ରି ଅବସରରେ କଳାହାଣ୍ଡିର ପ୍ରତ୍ୟେକ ଶୈବପୀଠ ଶିବ ପଞ୍ଚାକ୍ଷର ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହୋଇଉଠିଥିଲା। ସମଗ୍ର କଳାହାଣ୍ଡିର ଶୈବ ପୀଠ ଗୁଡିକରେ ସକାଳୁ ଭକ୍ତଙ୍କ ଭିଡ ଜମିଥିଲା। ପ୍ରାତଃ ସମୟରୁ ସନ୍ଧ୍ୟା ମହାଦୀପ ଉଠିବା ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ପ୍ରଭୁ ଶିବଙ୍କ ଆରାଧନା କରିଥିଲେ। କେଉଁଠି ଷୋଳ ପ୍ରହରୀ, ଅଷ୍ଟ ପ୍ରହରୀ, ନାମଯଜ୍ଞ ହେଉଥିବାବେଳେ ଶିବସ୍ତୋତ୍ର ପାଠରେ ପ୍ରକମ୍ପିତ ହେଉଥିଲା ଶିବାଳୟ। ଜାଗର ବ୍ରତଧାରୀମାନେ ମନ୍ଦିର ସମ୍ମୁଖରେ ଦୀପଟିଏ ଜାଳି ଜାଗର ଉପାସନା କରିଥିଲେ। ନର୍ଲା ବ୍ଲକ ବୁଢୀପଦର ଗ୍ରାମର ଦେବଗିରି ଶୈବ ପୀଠ, କର୍ଲାମୁଣ୍ଡା ବ୍ଲକ ବେଲଖଣ୍ଡି ସ୍ଥିତ ଉମା ମାହେଶ୍ୱର, ଧବଳେଶ୍ୱର ମହାଦେବ ମନ୍ଦିର, ଧର୍ମଗଡ଼ର ପାରଦେଶ୍ୱର ମହାଦେବ ମନ୍ଦିର, କୁସୁମଖୁଣ୍ଟିର ନୀଳକଣ୍ଠେଶ୍ୱର ମହାଦେବ, ମୂଷାପାଲି ଗୁପ୍ତେଶ୍ୱର ପୀଠ, ବେହେରାଗୁଡ଼ାର ବାଲୁଙ୍କେଶ୍ୱର ପୀଠ, ଜୟପାଟଣା ବ୍ଲକର ପୂଜାରୀଗୁଡା, ଭବାନୀପାଟଣାର ଭବାନୀଶଙ୍କର ମନ୍ଦିର, ଜଳେଶ୍ୱର ମନ୍ଦିର, ସୋମେଶ୍ୱର ଶିବ ମନ୍ଦିର, ଭଣ୍ଡେଶ୍ୱର ମନ୍ଦିର, ବାଲାଜୀ ଶିବ ମନ୍ଦିର, ପୁରୁଣାପଡ଼ା ବାଲୁଙ୍କେଶ୍ୱର ଶିବ ମନ୍ଦିର, ବାଦୋପଲା ଶିବ ମନ୍ଦିର, ଗୁର୍ଜିମୁଣ୍ଡା ଶିବ ମନ୍ଦିର, ଇଚ୍ଛାପୁରର କେଦାରେଶ୍ୱର ଅଷ୍ଟଶମ୍ଭୁ ଶିବ ମନ୍ଦିର, କୋକସରା ବ୍ଲକର କାଳେଶ୍ୱର ମନ୍ଦିର, ମୋହନଗିରି ଶିବମନ୍ଦିରରେ ବିଳମ୍ବିତ ରାତ୍ରରେ ମହାଦୀପ ଉଠିଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁରୁଣାପଡ଼ା ବାଲୁଙ୍କେଶ୍ୱର ମନ୍ଦିର

ଭବାନୀପାଟଣା ସହର ପୁରୁଣାପଡ଼ା ବାଲୁଙ୍କେଶ୍ୱର ମନ୍ଦିରରେ ମହାଶିବରାତ୍ରି ଅବସରରେ ପ୍ରାତଃ ୪ଟା ସମୟରେ ନୀତିକାନ୍ତି ଆରମ୍ଭ ହୋଇଥିଲା। ଭକ୍ତମାନଙ୍କ ପ୍ରବଳ ଭିଡ଼ ସତ୍ତ୍ୱେ ରୀତିନୀତି କରାଯିବା ପରେ ରାତ୍ର ୧୦ଟା ସମୟରେ ମହାଦୀପ ଉଠିଥିଲା। ପରେ ରାତ୍ର ୧୧ଟା ସମୟରେ ହରିହର ଭେଟ ହୋଇଥିଲା। ହରଙ୍କ ପକ୍ଷରୁ କର୍ତ୍ତା ଭାବରେ କିଶୋର ସାହୁ ଏବଂ ହରିଙ୍କ ପକ୍ଷରୁ କର୍ତ୍ତା ଭାବରେ ମନୋଜ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଶିବ ମନ୍ଦିର ପୁଜାରୀ ଉଦ୍ଧବ ମୁନି ଓ ରାଧାକୃଷ୍ଣ ମନ୍ଦିର ପୁଜାରୀ ରଥାଙ୍ଗ ଠାକୁରଙ୍କ ଉପସ୍ଥିତିରେ ମୋହନ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ବାଲୁଙ୍କେଶ୍ୱର ମନ୍ଦିରର ସମସ୍ତ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ସିଦ୍ଧାର୍ଥ ନାୟକ, ସମ୍ପାଦକ ମାନସ ପ୍ରଧାନ, ଭଣ୍ଡାର ରକ୍ଷକ ରବୀନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ମନ ମୋହନ ପ୍ରଧାନ, ଜୟରାମ ପ୍ରଧାନ, କମ୍ବୁପାଣି ପରିଚ୍ଛା, ଦୀପକ ପ୍ରଧାନ, ରାମକୃଷ୍ଣ ପ୍ରଧାନ, ଇନ୍ଦ୍ରମଣି ଦକୁଆ, କାହ୍ନୁ ଚରଣ ପ୍ରଧାନ, ବୁଢ଼ୁ ଚନ୍ଦନ, ସୁଶାନ୍ତ ମହାରଣା, ଗିରିନ୍ଦ୍ର ଭୂଷଣ ପ୍ରଧାନ, ନିମାଞ୍ଚଳ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଭବାନୀଶଙ୍କର ମନ୍ଦିର

ପରମ୍ପରା ଅନୁଯାୟୀ ଭବାନୀପାଟଣା ସ୍ଥିତ ଭବାନୀଶଙ୍କର ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ସନ୍ଧ୍ୟା ୬ଟାରେ ପୂଜକ ମନୋଜ ମୁନି ଓ ପଦ୍ମନାଭ ମୁନି ମହାଦୀପ ଉଠାଇଥିଲେ। ପରେ ପ୍ରଥମ ପ୍ରହର ଆଳତି ସହ ଜାଗର ଯାତ୍ରା ଆରମ୍ଭ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଜାଗର ଜାଳି ରାତି ଉଜାଗର ରହିଥିଲେ। ପ୍ରଥମ ପ୍ରହର ଆଳତି ପରେ ଭବାନୀ ଶଙ୍କରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ର ଶେଖରଙ୍କୁ ପୂଜକ ସରୋଜ କୁମାର ମୁନି ମନ୍ଦିର ଚାରିପଟେ ତିନିଥର ବେଢ଼ା ପରିକ୍ରମା କରାଇଥିଲେ। ରାତି ୯ଟାରେ ଦ୍ୱିତୀୟ ପ୍ରହର ଆଳତି ଅନୁଷ୍ଠିତ ହୋଇଥିଲା। ଶିବରାତ୍ରି ଉପଲକ୍ଷେ ମନ୍ଦିରର ଯଜ୍ଞ ମଣ୍ଡପରେ ଏକ ଦିବସୀୟ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାତି ୧୧ ଟା ୩୦ରେ ହରିହର ଭେଟ ନିମନ୍ତେ ଭବାନୀ ଶଙ୍କରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ର ଶେଖରଙ୍କୁ ଏକ ସୁସଜ୍ଜିତ ଖଟୁଲିରେ ବିରାଜମାନ କରି ଘଣ୍ଟ, ଘଣ୍ଟା ଓ ନାଗରା ବାଦ୍ୟର ତାଳେତାଳେ ମନ୍ଦିରରୁ ବାହାର କରି ଜଗନ୍ନାଥ ମନ୍ଦିର ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ଅନୁରୂପ ଭାବେ ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଇ ପୂଜକ ଅଜୟ ମହାପାତ୍ର ଶୋଭାଯାତ୍ରାରେ ଭବାନୀ ଶଙ୍କର ମନ୍ଦିର ଅଭିମୁଖେ ବାହାରିଥିଲେ। ମଝି ରାସ୍ତାରେ ହରିହର ଭେଟ ହେବ ଓ ଉଭୟ ଠାକୁରଙ୍କୁ ଭବାନୀ ଶଙ୍କର ମନ୍ଦିରକୁ ଶୋଭାଯାତ୍ରାରେ ଆଣିଥିଲେ। ମନ୍ଦିରର ଯଜ୍ଞ ମଣ୍ଡପରେ ଉଭୟ ହରି ଓ ହରଙ୍କୁ ପୂଜାର୍ଚ୍ଚନା, ବନ୍ଦାପନା ଓ ହୋମ ପରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତାପରେ ରୁଦ୍ର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିବା ମନ୍ଦିରର ପୂଜକ ମନୋଜ କୁମାର ମୁନି ପ୍ରକାଶ କରିଛନ୍ତି।

**କୋକସରା:** ମହାଶିବରାତ୍ରି ଜାଗର ପାଇଁ ରବିବାର କୋକସରା ବ୍ଲକର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଏଥିପାଇଁ ଭୋରରୁ ସମସ୍ତ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ରିତୀନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଶ୍ରଦ୍ଧାଳୁମାନେ ଜାଗରଜାଳି ମାନସିକ ପୂରଣ ପାଇଁ




ମହାଦେବଙ୍କ ନିକଟରେ ପ୍ରାର୍ଥନା କରିଥିବା ବେଳେ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଶୈବପୀଠ। ବ୍ଲକର ବଡକେନ୍ଦୁଗୁଡା ସ୍ଥିତ ଝାରବନ୍ଦଠାରେ ଥିବା କଳାହାଣ୍ଡିର ସର୍ବୋଚ୍ଚ ମନ୍ଦିର କାଳେଶ୍ୱର ମହାଦେବଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ସହିତ ଭକ୍ତମାନେ ଯେପରି ଦର୍ଶନ କରିପରିବେ ସେନେଇ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଟ୍‌ର ବ୍ୟବସ୍ଥା କରାଯାଇଥିଲା। ବ୍ଲକର କୁସୁମଖୁଣ୍ଟି ସ୍ଥିତ ଶୈବପୀଠରେ ମଧ୍ୟ ଜାଗର ପାଇଁ ଶହଶହ ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ବ୍ଲକର ଓଲମା, ବଡପୋଡାଗୁଡା, ସିଉନୀ, ଝରିଆଗୁଡା, ରେଙ୍ଗାଲପାଲି, କୋକସରା, ଭାଲିଆଯୋର, ଖଲିଗଡ଼, ଡୁମେରବାହାଲ, ବରାଡଙ୍ଗା, ମୁଷାପାଲି, ଲଡୁଗାଁ, ଚିକିଲି, ମୋଟେର ଚମ୍ପେଶ୍ୱର ଶୈବପୀଠ, ଘଣ୍ଟିଗୁଡା, ଗୋତମୁଣ୍ଡା, ଡହଗାଁ, ମୁଗୁନାପଦର ସ୍ଥିତ କପାଟଦର ଶୈବପୀଠ, କୁମୁଡାମୁଣ୍ଡା, ଡେଙ୍ଗାଗୁଡା, ଫୁପଗାଁ, ସାନପୋଡାଗୁଡା, ଗୋତମୁଣ୍ଡା ଆଦି ସ୍ଥାନମାନଙ୍କରେ ଥିବା ଶୈବପୀଠ ଗୁଡିକରେ ମଧ୍ୟ ଶିବରାତ୍ରି ପାଇଁ ଭକ୍ତଙ୍କ ଭିଡ ଲାଗିରହିଥିଲା। ଶୈବପୀଠ ଗୁଡିକରେ ଶାନ୍ତିଶୃଙ୍ଖଳା ନିମନ୍ତେ ପରିଚାଳନା କମିଟି ପକ୍ଷରୁ ବ୍ୟପକ ବନ୍ଦୋବସ୍ତ କରାଯାଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ପୁଲିସ ଫୋର୍ସ ମୁତାୟନ କରାଯାଇଥିଲା। ଜାଗର ଅବସରରେ ରାତିରେ ବିଭିନ୍ନ ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**ଗୋଲାମୁଣ୍ଡା:** ମହାଶିବରାତ୍ରି ଓ ଜାଗର ପାଇଁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଫରଙ୍ଗ ଗ୍ରାମ ପଞ୍ଚାୟତର ଚୋରାପାହାଡ ପାଦଦେଶରେ ଅବସ୍ଥିତ ଗଦଲାଝରନ ଶୈବପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପଡୋଶୀ ରାଜ୍ୟ ଛତିଶଗଡ଼ ତଥା ପଡୋଶୀ ଜିଲ୍ଲାରୁ ଭକ୍ତମାନେ ମହାଦେବଙ୍କ ଦର୍ଶନ ପାଇଁ ଆସିଥିଲେ। ନୂଆଗାଁ ଗ୍ରାମପଞ୍ଚାୟତର କରଞ୍ଜିକୋଟ ଶୈବପୀଠରେ ମଧ୍ୟ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ସେହିଭଳି ମହାଲିଙ୍ଗ, ଉଦେଶୃଙ୍ଗ, ଚପୁରିଆ, ମକରାଗୁଡା, ଗୋଲାମୁଣ୍ଡା, ମାନଝରୀର ଶୈବପୀଠରେ ସକାଳ ୫ଟା ୩୦ରୁ ଅପରାହ୍ନ ଯାଏଁ ଭିଡ଼ ଦେଖିବାକୁ ମିଳିଥିଲା। ଗୋଲାମୁଣ୍ଡା ବ୍ଲକରେ ବିଭିନ୍ନ ଶୈବପୀଠମାନଙ୍କରେ ଅଖଣ୍ଡ ନାମ ଯଜ୍ଞ ମଧ ହୋଇଥିବା ଦେଖିବାକୁ ମିଳିଛି।

**କେସିଙ୍ଗା:** କେସିଙ୍ଗା ବ୍ଲକର ବେଲଖଣ୍ଡିରେ ଥିବା ଐତିହାସିକ ସପ୍ତମାତୃକା ଶୈବପୀଠ ସମେତ ଗିର୍ଜିମୁଣ୍ଡା ଯୋଗମାୟା ପୀଠ, ଡଙ୍ଗରମୂଳି ଶୈବ ପୀଠ, ଅମାଠ ଗଡ଼, ତହଁଶିର ସମେତ କେସିଙ୍ଗା ସହରର ମଧ ଭାଗରେ ଥିବା ଧବଳେଶ୍ୱର ପୀଠରେ ପବିତ୍ର ମହାଶିବରାତ୍ରି ଅବସରରେ ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ଶୈବପୀଠଗୁଡିକରେ ନାମ ଯଜ୍ଞ ସମେତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯୋଗମାୟା ପୀଠରେ ଥିବା ପ୍ରଭୁ ପାତାଳେଶ୍ୱର ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ୧୪ ତାରିଖରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ପୂଜକମାନଙ୍କ ଦ୍ୱାରା ଏକ ରୁଦ୍ରଯଜ୍ଞ ଆରମ୍ଭ ହୋଇଛି। ୧୬ ତାରିଖ ପର୍ଯ୍ୟନ୍ତ ଏହି ଯଜ୍ଞ ଚାଲିବାକୁ ଥିବା ନେଇ କମିଟି ପକ୍ଷରୁ କୁହାଯାଇଛି। ସପଟେ ଐତିହାସିକ ବେଲଖଣ୍ଡି ଶୈବପୀଠରେ ମଧ ଜିଲ୍ଲା ତଥା ଜିଲ୍ଲା ବାହାରର ଅନେକ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

# ବେଆଇନ ବାଲି ଚାଲାଣ; ୩ ହାଇୱା ଜବତ




**ଥୁଆମୂଳ ରାମପୁର, ୧୫।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ସ୍ଥାନୀୟ ପୁଲିସ ପକ୍ଷରୁ ବେଆଇନ ଭାବେ ବାଲି ପରିବହନ କରି ଚାଲାଣ ହେଉଥିବା ତିନୋଟି ହାଇୱାକୁ ଜବତ କରାଯାଇଛି। ସୂଚନାନୁଯାୟୀ, ଥାନା ଅଧିକାରୀ କୈବଲ୍ୟ ସେଠ୍ ଏବଂ ସବ୍ ଇନ୍ସପେକ୍ଟର ସେଠୀଙ୍କ ନେତୃତ୍ୱରେ ଚାଲୁଥିବା ଯାଞ୍ଚ ସମୟରେ ଏହି ଗାଡିଗୁଡିକୁ ଧରିଥିଲା। ଯାଞ୍ଚ ସମୟରେ ବାଲି ପରିବହନ ସମ୍ପର୍କିତ କୌଣସି ବୈଧ ଅନୁମତିପତ୍ର ତଥା ଚାଲାଣ/ପରମିଟ ଦେଖାଇ ପାରି ନଥିବାରୁ ଗାଡି ଗୁଡିକୁ ସିଜ୍ କରାଯାଇଛି। ପୁଲିସ ସୂଚନାନୁଯାୟୀ, ଅଟକ ରଖାଯାଇଥିବା ଓଡି୦୮ ୱାଇ ୩୪୩୪, ଓଡି୦୮ ଡବ୍ଲ୍ୟୁ ୩୩୩୫ ଏବଂ ଓଡି୦୮ ଡବ୍ଲ୍ୟୁ ୩୩୭୩ ନମ୍ବରର ତିନି ଗାଡିକୁ ଥାନା ପରିସରକୁ ନେଇ ରଖାଯାଇଛି। ଥାନାରେ କେସ୍ ନମ୍ବର ୨୫, ୨୬, ଏବଂ ୨୭/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ଘଟଣା ସହିତ ସମ୍ପୃକ୍ତ ଡ୍ରାଇଭର ଓ ମାଲିକଙ୍କୁ ପଚାରାଉଚାରା କରାଯାଉଛି। ନିୟମ ଉଲ୍ଲଂଘନ ପ୍ରମାଣିତ ହେଲେ ସମ୍ବନ୍ଧିତ ଆଇନ ଅନୁଯାୟୀ କଡା ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି। ଜବତ ହାଇୱାଗୁଡିକରେ କଲମପୁର ବ୍ଲକ ଦେପୁର ନିକଟ ନଦୀରୁ ଥୁଆମାଳ ରାମପୁରର ଗୋପାଳପୁରକୁ ବାଲି ଚାଲାଣ ହେଉଥିବା ଜଣାପଡ଼ିଛି।

# କର୍ଣ୍ଣାଟକରୁ ୯ ଶିଶୁ ସମେତ ୩୪ ଶ୍ରମିକ ଉଦ୍ଧାର

**ଗୋଲାମୁଣ୍ଡା, ୧୫ ।୨(ସମିସ):** ଶ୍ରମ ବାହିନୀର ଅଭିଯୋଗ ଓ ହସ୍ତକ୍ଷେପ ପରେ କର୍ଣ୍ଣାଟକର ବାଗାଲକୋଟ ଜିଲ୍ଲାର ଇଲକାଲ ତହସିଲ ଅନ୍ତର୍ଗତ ସଂକଲାପୁର ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରୁ ୩୪ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ପ୍ରଶାସନ। ସେମାନଙ୍କ ମଧ୍ୟରୁ ୯ ଜଣ ଶିଶୁ ଶ୍ରମିକ ରହିଥିବା ଜଣାପଡ଼ିଛି। ସମସ୍ତେ ସୁରକ୍ଷିତ ଭାବେ

## ଶ୍ରମ ବାହିନୀର ହସ୍ତକ୍ଷେପ ପରେ ଇଟାଭାଟିରୁ ଉଦ୍ଧାର

ଓଡ଼ିଶାର ନିଜସ୍ୱ ଜନ୍ମସ୍ଥାନକୁ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚାଯାଇଛି। ସୂଚନାନୁଯାୟୀ, କର୍ଣ୍ଣାଟକକୁ ଦାଦନ ଖଟିବାକୁ ଯାଇ କିଛି ଶ୍ରମିକ ଫସି ରହିଥିବା ନେଇ ଶ୍ରମ ବାହିନୀ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ତହସିଲଦାର ଅମରେଶ ପମ୍ମାରଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରମ ବିଭାଗର ସହଯୋଗରେ କର୍ଣ୍ଣାଟକର ବାଗାଲକୋଟ



ଜିଲ୍ଲାର ଇଲକାଲ ତହସିଲ ଅନ୍ତର୍ଗତ ସଂକଲାପୁର ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରେ ଛାପାମାରି ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଚଢ଼ଉ ସମୟରେ ନଅ ଜଣ ଡ୍ରପଆଉଟ୍ ଶିଶୁ ମଧ୍ୟ ଶ୍ରମ କରୁଥିବା ଅବସ୍ଥାରେ ମିଳିଥିଲେ। ସୂଚନାରୁ ପ୍ରକାଶ ଯେ, ମଧ୍ୟସ୍ଥିମାନେ ଚାକିରିର ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଏହି ଶ୍ରମିକମାନଙ୍କୁ ପ୍ରାୟ ତିନି ମାସ ପୂର୍ବରୁ ସେଠାକୁ ନେଇଯାଇଥିଲେ। ଶ୍ରମିକମାନେ କମ୍ ଦରମା ଓ ଅପବ୍ୟବହାରର ଅଭିଯୋଗ କରିଛନ୍ତି। ଇଟାଭାଟି ମାଲିକମାନଙ୍କ ବିରୋଧରେ ସମ୍ବନ୍ଧିତ ଶ୍ରମ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ମାନବ ଚାଲାଣ ସମ୍ଭାବନାକୁ ନଜରରେ ରଖି ତଦନ୍ତ ଚାଲିଥିବା ସୂଚନା ମିଳିଛି। ପୁନର୍ବାସନ ପ୍ରକ୍ରିୟା ସମୟରେ ଶ୍ରମ ବାହିନୀର ଅଧକ୍ଷ ଝାସକେତନ ବାଗ ଟିଟିଲାଗଡ଼ ରେଳଷ୍ଟେସନରେ ଉପସ୍ଥିତ ରହି କଳାହାଣ୍ଡି ଶ୍ରମ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ହେଉଥିବା ପୃଷ୍ଟାଚାର, ଦଲିଲପତ୍ର ପ୍ରସ୍ତୁତି ଓ ପୁନର୍ବାସନ କାର୍ଯ୍ୟରେ ଶ୍ରମିକମାନଙ୍କୁ ସହଯୋଗ କରିଥିଲେ। ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ୧୬, ବଲାଙ୍ଗୀର ଜିଲ୍ଲାର ସିନ୍ଦେକେଲାର ୭, ନୂଆପଡ଼ା ଜିଲ୍ଲାର ବୋଡେନ ଅଞ୍ଚଳର ୧୧ ଜଣ ରହିଥିବା ଜଣାପଡ଼ିଛି।

# ପିତୃମାତୃ ପୂଜନ କାର୍ଯ୍ୟକ୍ରମ

**କେସିଙ୍ଗା, ୧୫।୨(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ମାତାପିତାଙ୍କୁ ଆରତୀ କରି ପୁଷ୍ପ ଅର୍ପଣ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ଅଭୟ କୁମାର ଦେବତା ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପ୍ରବୀଣ କୁମାର ବେହେରା ଉପସ୍ଥିତ ଥିଲେ। ମାତାପିତା ହେଲେ ସନ୍ତାନଙ୍କ ପ୍ରଥମ ଗୁରୁ ଓ ସଂସ୍କାରର ମୂଳସ୍ତମ୍ଭ। ସେମାନଙ୍କର ସେବା ଓ ସମ୍ମାନ ଆମ ସମାଜର ଶ୍ରେଷ୍ଠ ପରମ୍ପରା ବୋଲି ସମ୍ପାଦକ କହିଥିଲେ। ଗୁରୁ ସେବା ଟ୍ରଷ୍ଟ ଟିଟିଲାଗଡ଼ର ସମ୍ପାଦକ କେଦାର କପାଟ, ସଭାପତି ଶରତ ବଗର୍ତ୍ତି ଓ ତାଙ୍କର ସହଯୋଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନଜୀବୀ ପ୍ରେମଲାଲ ପ୍ରଧାନଙ୍କ ପରଲୋକ

**ଧର୍ମଗଡ଼, ୧୫ ।୨(ସମିସ):** ଧର୍ମଗଡ଼ ଅଞ୍ଚଳର ବରିଷ୍ଠ ଆଇନଜୀବୀ ପ୍ରେମଲାଲ ପ୍ରଧାନଙ୍କର ୯୦ ବର୍ଷ ବୟସରେ ରବିବାର ସକାଳ ୯ଟା ୩୦ରେ ଧର୍ମଗଡ଼ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ସେ କିଛି ବର୍ଷ ହେଲା ଘରେ ରହି ଚିକିତ୍ସିତ ହେଉଥିଲେ। ସେ ଧର୍ମଗଡ଼ ହାଇସ୍କୁଲ ରେ ଶିକ୍ଷକ ରୂପେ ଚାକିରି ଆରମ୍ଭ କରି ପରେ ଆଇନଜୀବୀ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏଥିସହ ସେ ଧର୍ମଗଡ଼ ହାଇସ୍କୁଲ ପରିଚାଳନା ସମିତିର ସମ୍ପାଦକ ମଧ୍ୟ ରହିଥିଲେ। ଜଣେ ସ୍ପଷ୍ଟବାଦୀ, ଶିକ୍ଷାନୁରାଗୀ ଓ ଆଇନଜୀବୀ ରୂପେ ଅଞ୍ଚଳରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନିପୁଅ ବେଣୁଲାଲ ପ୍ରଧାନ, କହ୍ନେଇ ପ୍ରଧାନ ଓ ଶିବୁ ପ୍ରଧାନ, ପୁତ୍ର



ବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ସମେତ ଅନ୍ୟ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷାବିତ ଓ ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଶିକ୍ଷାବିତ ସତ୍ୟ ପଟ୍ଟନାୟକ, ଆଚାର୍ଯ୍ୟ ହୃଷିକେଶ ମିଶ୍ର, ଆଇନଜୀବୀ ଚିନ୍ତାମଣି ପାତ୍ର, ଚନ୍ଦ୍ରଶେଖର ପଟ୍ଟଯୋଶୀ, ତୁଷାର ରଞ୍ଜନ ପଟ୍ଟଯୋଶୀ, ଓକିଲ ସଂଘ ସଭାପତି କୃପାସିନ୍ଧୁ ପଣ୍ଡା, ଏନଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ପୂର୍ବତନ ସରକାରୀ ଓକିଲ ରାଜେନ୍ଦ୍ର ମୁନି, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କର ପୈତୃକ ଗ୍ରାମ କେସିଙ୍ଗା ବ୍ଲକ ଉକ୍କେଲା ନିକଟସ୍ଥ କଣ୍ଟାମାଳଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

# ବିପଦସଂକୁଳ କୋଠାରେ ବଡକୁଟ୍ଟ ପ୍ରାଣୀ ଚିକିତ୍ସାଳୟ

## ଅସୁନାହାନ୍ତି ପ୍ରାଣୀଧନ ସହାୟକ; ଅଣସରକାରୀ ବାବୁ ଚିକିତ୍ସକ ସାଜିଛନ୍ତି

**କଲମପୁର, ୧୫।୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ପ୍ରାଣୀଧନ ଚିକିତ୍ସାଳୟ ଅଧିନସ୍ଥ ବଡକୁଟ୍ଟ ପ୍ରାଣୀ ଚିକିତ୍ସାଳୟ ଦୀର୍ଘବର୍ଷ ହେଲା ବିପଦ ସଂକୁଳ କୋଠାରେ ଚାଲିଛି। କାର୍ଯ୍ୟାଳୟର ଅଧା ଅଂଶ ଭୁଷୁଡି ପଡ଼ିଥିବା ବେଳେ ଅବଶିଷ୍ଟ କେତେବେଳେ ମଧ୍ୟ ଭୁଷୁଡି ପଡ଼ିବ କହି ହେବ ନାହିଁ। ଏଭଳି ପରିସ୍ଥିତିରେ ସେଠାରେ ପ୍ରାଣୀ ଚିକିତ୍ସା କରିବା ସମ୍ଭବ ନ ହେବାରୁ କର୍ମଚାରୀମାନେ କେତେବେଳେ କେମିତି ସେଠାକୁ ନାମକୁ ମାତ୍ର ଯାଇ ଫେରି ଆସନ୍ତି। ଦୀର୍ଘଦିନ ହେବ ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ କାର୍ଯ୍ୟାଳୟ ରହିଥିଲେ ମଧ ବିଭାଗ ପ୍ରାଣୀଧନ ଚିକିତ୍ସା ନିମନ୍ତେ ଜଣେ ପ୍ରାଣୀଧନ ସହାୟକଙ୍କୁ ନିୟୋଜିତ କରିଛନ୍ତି। କିନ୍ତୁ ଉକ୍ତ ପ୍ରାଣୀ ଧନ ସହାୟକ ମାସ ମାସ ଧରି ଅନୁପସ୍ଥିତ ରହୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅତ୍ୟନ୍ତ ଆବଶ୍ୟକ ନ ଥିଲେ ସେ କେନ୍ଦ୍ରକୁ ଆସନ୍ତି ନାହିଁ ବୋଲି ବଡକୁଟ୍ଟ ଅଞ୍ଚଳବାସୀ କହିଛନ୍ତି। ଏହାର ସୁଯୋଗ ନେଇ ଜଣେ ଅଣସରକାରୀ ବାବୁ ଏହାର ବେଶ ଫାଇଦା ଉଠାଇ ଚାଲିଛନ୍ତି। ଏହି ଅଣସରକାରୀ ବାବୁ ମାଟ୍ରିକ




ଫେଲ ହୋଇଥିବା ବେଳେ ପ୍ରାଣୀ ଧନ ସହାୟକଙ୍କ ପ୍ରତିନିଧି ଭାବେ ନିୟୋଜିତ ଥିବା ଶୁଣିବାକୁ ମିଳୁଛି। ଏହି ବାବୁ ଜଣକୁ ଖୋଦ ପ୍ରାଣୀ ଧନ ସହାୟକ ନିୟୋଜିତ କରିଛନ୍ତି ନା ବିଭାଗ ନିୟୋଜିତ କରିଛି ତାହାର ସ୍ପଷ୍ଟ ସୂଚନା ମିଳିପାରି ନଥିବା ବେଳେ ଏହି ଅଣସରକାରୀ ବାବୁ ଜଣକ ଗାଁ ଗାଁ ବୁଲି ଗୃହପାଳିତ ପଶୁମାନଙ୍କ ଚିକିତ୍ସା କରୁଥିବା ନଜରକୁ ଆସୁଛି। ବିଭାଗର ଭ୍ରାମ୍ୟମାଣ ଗାଡ଼ିରେ ମଧ୍ୟ ସେ ବୁଲୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ଉକ୍ତ ଅଣସରକାରୀ ବାବୁଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଲୋକେ ତାଙ୍କୁ ପ୍ରାଣୀଧନ ସହାୟକ ବୋଲି ଜାଣିଛନ୍ତି। ଏପରିକି ସେ କିଛି ଜଣଙ୍କ ସହ ଯୋଗାଯୋଗ କରି କୃତ୍ରିମ ପ୍ରଜନନ ମଧ୍ୟ କରୁଛନ୍ତି। ଏକାଧିକ ଥର ଇଞ୍ଜେକ୍ସନ ଦେଇ ସଫଳ ନ ହେଲେ ବିଭାଗ ସହିତ ଯୋଗାଯୋଗ କରି ପ୍ରଜନନ କରୁଥିବା ଶୁଣିବାକୁ ମିଳିଛି। ତେବେ କେତେବେଳେ ସଫଳ ଓ କେତେବେଳେ ବିଫଳ ହେଉଥିବା ବେଳେ ବାବୁ ଜଣକ ଗାଈଙ୍କ ପ୍ରଜନନ ନିମନ୍ତେ ୫ ଶହରୁ ହଜାରେ ପାରିଶ୍ରମିକ ନେଉଥିବା ମଧ୍ୟ ଅଞ୍ଚଳବାସୀଙ୍କ ନିକଟରୁ ଶୁଣିବାକୁ ମିଳିଛି। ଏପରିକି ମେଣ୍ଢା ଛେଳିମାନଙ୍କ ପାଇଁ ଭିନ୍ନ ଭିନ୍ନ ଦର ରହିଥିବା ପଶୁପାଳକ ମହଲରୁ ଜଣାଯାଇଛି। ଏନେଇ ଗୋଷ୍ଠୀ ପ୍ରାଣୀ ଧନ ଚିକିତ୍ସାଧିକାରୀ ଡଃ ସିଆଲ ବାବୁଙ୍କ ସହିତ ଯୋଗାଯୋଗ କରିବାରୁ, ଏଭଳି ଅଭିଯୋଗ ଆମ ଦୃଷ୍ଟିକୁ ଆସିନାହିଁ, ଯଦି ହୋଇଥାଏ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ମହାଶିବରାତ୍ରିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଜାଳିଲେ ଜାଗର

ରାଉରକେଲା, ୧୫।୨(ସମିସ)





ରାଉରକେଲା ସମେତ ଆଖପାଖ ଅଞ୍ଚଳରେ ମହାଶିବରାତ୍ରି ଧୁମଧାମରେ ପାଳିତ ହୋଇଯାଇଛି। ଏହିକ୍ରମରେ ବିଭିନ୍ନ ଶୈବପୀଠ ଗୁଡିକରେ ଖଚାଖଚ ଭିଡ ପରିଲକ୍ଷିତ ହୋଇଥିଲା। ସକାଳୁ ବିଳମ୍ବିତ ରାତି ଯାଏଁ ଭିଡ ଲାଗି ରହିଥିଲା। ସହରର ପ୍ରମୁଖ ଶିବାଳୟ ବେଦବ୍ୟାସ ପୀଠରେ ଭୋର ୩ଟାରୁ ଶ୍ରଦ୍ଧାଳୁ ଶିବ ଲିଙ୍ଗରେ ଜଳାଭିଷେକ କରିଥିଲେ। ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଜଳାଭିଷେକ କରି ପୂଜାର୍ଚ୍ଚନା କରିଥିଲେ। ଏହାସହ ସନ୍ଧ୍ୟା ପରେ ଜାଗର ଜାଳିଥିଲେ। ସେହିପରି ବାସନ୍ତୀ କଲୋନୀର ପାହାଡ ପାଖ ଶିବ ମନ୍ଦିର, ହନୁମାନ ବାଟିକାର ଦ୍ୱାଦଶ ଶିବ ଲିଙ୍ଗ, ତରକେରାର ଧବଳେଶ୍ୱର ଶିବ ମନ୍ଦିର, ଜଳଦା ଶିବ ମନ୍ଦିର, ଆଇଜିଏଲ ସ୍ୱପ୍ନେଶ୍ୱର ମନ୍ଦିର,

## ବିଭିନ୍ନ ଶୈବପୀଠରେ ଖଚାଖଚ ଭିଡ଼

ସାରନଗରୀ ଜଗନ୍ନାଥ ମନ୍ଦିର, ସେକ୍ଟର ୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପରିସରସ୍ଥ ଶିବ ମନ୍ଦିର, ଲାଲ ବିଲଡିଂ ଗଳି ସ୍ଥିତ ତ୍ରିନାଥ ମନ୍ଦିର, ବିଶ୍ରା ଡାହାରରୋଡ ସ୍ଥିତ ଶ୍ୟାମ ମନ୍ଦିର, ରେଳଷ୍ଟେସନ୍ ନିକଟସ୍ଥ ସଙ୍କଟମୋଚନ ମନ୍ଦିର, ସିଭିଲ୍ ଟାଉନସିପ୍ ସ୍ଥିତ ତ୍ରିଶକ୍ତି ମନ୍ଦିର ସମେତ ଅନ୍ୟାନ୍ୟ ଶିବ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ ଓ ଜାଗର ଜାଳିଥିଲେ। ବାସନ୍ତୀ କଲୋନୀର ଆଖଣ୍ଡଳମଣି ମନ୍ଦିର, ରେଲୱେ କଲୋନୀ ସ୍ଥିତ କାଳୀମନ୍ଦିର ଶିବାଳୟରେ, ରାଉରକେଲା ରେଳଷ୍ଟେସନ ସଙ୍କଟମୋଚନ ମନ୍ଦିର ଶିବାଳୟରେ, ହନୁମାନ ବାଟିକା ଶିବ ମନ୍ଦିରରେ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହାଛଡା ପାନପୋଷ କାଳୀମନ୍ଦିର ଶିବମନ୍ଦିର, ତାରିଣୀ ମନ୍ଦିର ଶିବ ମନ୍ଦିର, ଉଦିତନଗର ଜଗନ୍ନାଥ ମନ୍ଦିର ଶିବ ମନ୍ଦିର ସମେତ ସେକ୍ଟର ୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ଶିବାଳୟରେ ଶ୍ରଦ୍ଧାଳୁ ମହାଦେବଙ୍କ ଆରାଧନା ପାଇଁ ଧାଡି ଲଗାଇବାର ଦେଖାଯାଇଥିଲା।

ଏହାଛଡ଼ା ଇସ୍ପାତ ସହରର ଅନେକ ଶିବ ମନ୍ଦିର ସମେତ କଳିଙ୍ଗ ବିହାର ଆଖଣ୍ଡଳମଣି ମନ୍ଦିର ଓ ଛେଣ୍ଡ କଲୋନୀର ଶିବାଳୟ ସମେତ ବେଦବ୍ୟାସର ପ୍ରସିଦ୍ଧ ଶୈବପୀଠରେ ଶହ ଶହ ସଂଖ୍ୟାରେ ଶ୍ରାଦ୍ଧଳୁ ମାନଙ୍କୁ ଧାଡିରେ ଦେଖିବାକୁ ମିଳିଥିଲା। ବିଭିନ୍ନ ଶୈବପୀଠ ଗୁଡିକରେ ମହାଦୀପ ଉଠିବା ପାଇଁ ଆୟୋଜନ କରାଯାଇଥିଲା। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କ ପାଇଁ ଟେଣ୍ଟ ପକାଯାଇ ଥିଲା। ଭଜନ ସମାରୋହ, କୀର୍ତ୍ତନରେ ହଜାର ହଜାର ଶ୍ରଦ୍ଧାଳୁ ମନ ମୋହିଥିଲା। ବିଳମ୍ବିତରାତିରେ ବିଭିନ୍ନ ଶୈବ ପୀଠରେ ବିଭିନ୍ନ ସମୟରେ ମହାଦୀପ ଉଠିଥିଲା। ଅପରପକ୍ଷେ ବେଦବ୍ୟାସ ଠାରେ ଜାଗର ମେଳାରେ ମଧ୍ୟ ଭିଡ ପରିଲକ୍ଷିତ ହୋଇଥିଲା। ମେଳାରେ ରାମଦୋଳି, ସୁସ୍ୱାଦୁ ଖାଦ୍ୟପେୟ ସମେତ ଅନ୍ୟ ଆକର୍ଷଣୀୟ ସାମଗ୍ରୀର ଷ୍ଟଲ୍ ଗୁଡିକର ଲୋକେ ମଜା ଉଠାଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଶେଷ କରି ବେଦବ୍ୟାସ ଅଞ୍ଚଳର ବିଭିନ୍ନ ସ୍ଥାନ ସମେତ ମେଳା ଓ ମନ୍ଦିରରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## ବେଦବ୍ୟାସ ପୀଠରେ ଆରମ୍ଭ ହେଲା ମେଳା



**ରାଉରକେଲା:** ମହାଶିବରାତ୍ରି ଉପଲକ୍ଷେ ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ମେଳା ଆଜିଠାରୁ ଆରମ୍ଭ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲାପାଳ ଡ.ଶୁଭଙ୍କର ମହାପାତ୍ର ବେଦବ୍ୟାସ ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବେଦବ୍ୟାସ ପୀଠର ପ୍ରସିଦ୍ଧ ମେଳା ଚଳିତ ବର୍ଷ ମହାଆଡମ୍ବର ସହକାରେ ପାଳନ କରାଯାଉଛି। ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ। ମେଳା ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ତିନି ଦିନ ଧରି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆୟୋଜିତ ହେବ। ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ଉଲ୍ଲେଖନୀୟ କାର୍ଯ୍ୟର ପ୍ରଦର୍ଶନୀ କରାଯାଉଛି। ଜିଲ୍ଲା କୃଷି ଉଦ୍ୟାନ ବିଭାଗ ସମେତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଆଞ୍ଚଳିକ ପରିବହନ ନିଗମ ତରଫରୁ ପ୍ରଦର୍ଶନୀ ଷ୍ଟଲ୍ କରାଯାଇ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶ୍ରମ ବିଭାଗ, ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ତରଫରୁ ଦିଆଯାଉଥିବା ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ସଚେତନତା ଷ୍ଟଲ୍ କରାଯାଇଛି। ଏହା ବ୍ୟତୀତ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜିଲ୍ଲା ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ବିଭିନ୍ନ ସାମଗ୍ରୀ ବିକ୍ରୟ ମଧ୍ୟ କରାଯାଉଛି। ଏହି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ପ୍ରଶାସନ ପୁଲିସ ଓ ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମହାପାତ୍ର କହିଛନ୍ତି। ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନା ଦସ୍ତଗୀର ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପାୟୁକ୍ତ ଅନୀତା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଣାଇଁ ବାବା ବାଣେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼

**ବଣାଇଁ:** ବଣାଇଁର ପ୍ରସିଦ୍ଧ ବାବା ବାଣେଶ୍ୱର ମନ୍ଦିରରେ ପବିତ୍ର ମହାଶିବରାତ୍ରି ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଛି। ଭୋରରୁ ମହାପ୍ରଭୁଙ୍କ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ପରେ ଭକ୍ତମାନଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାବେଶ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଶୃଙ୍ଖଳାର ସହିତ ଲାଇନରେ ଆସି ବାବା ବାଣେଶ୍ୱରଙ୍କ ଦର୍ଶନ କରିଛନ୍ତି। ସେହିପରି ବଣାଇ ଅଞ୍ଚଳର ଜର୍କେକଳା, ଗୋଗୁଆ, କେନାଭେଟା, ତଳିତା, ମହୁଲଡିହା ଇତ୍ୟାଦି ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଦିନ ସାରା ମନ୍ଦିର ଗୁଡିକରେ ଭକ୍ତଙ୍କ ସମାଗମ ଲାଗି ରହିଥିବା ବେଳେ ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ବିଭିନ୍ନ ଅନୁଷ୍ଠାନ ତରଫରୁ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ମହାଦେବଙ୍କ ଦୀପ ମଧ୍ୟରାତ୍ର ୧୨ ଘଟିକା ସମୟରେ ଉଠିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ଶୃଙ୍ଖଳାର ସହିତ ଦର୍ଶନ ପାଇଁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି। ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଦର୍ଶନାର୍ଥୀ ମାନଙ୍କ ପାଇଁ ସକାଳୁ ରାତ୍ରି ଯାଏ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି।





## ସେକ୍ଟର-୬ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ଜାଗରଯାତ୍ରା

**ରାଉରକେଲା:** ସ୍ଥାନୀୟ ସେକ୍ଟର-୬ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ଶିବରାତ୍ରି ଓ ଜାଗରଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁସାରେ ସକାଳ ୪ଟାରୁ ମନ୍ଦିର ଖୋଲାଯାଇ ବାବା ସ୍ୱପ୍ନେଶ୍ୱରଙ୍କ ପୂଜାକାର୍ଯ୍ୟ ହୋଇଥିଲା। ପରେ ଭକ୍ତ ମାନଙ୍କୁ ବାବା ଦର୍ଶନ ଦେଇଥିଲେ। ସକଳ ୯ରୁ ମଧ୍ୟାହ୍ନ ୧.୩୦ମିନିଟ ପର୍ଯ୍ୟନ୍ତ ଭକ୍ତ ମାନଙ୍କ ପ୍ରବଳ ଭିଡ଼ ଦେଖାଦେଇଥିଲା। ସନ୍ଧ୍ୟାରେ ଆଳତି ପରେ ପୂଜକ ଭବାନୀଶଙ୍କର ପଣ୍ଡା ପୂଜା ବିଧି ଅନୁଯାଇ ଠାକୁରଙ୍କୁ ବଡସିଙ୍ଗାର ବେଶ ଓ ହରିହର ଦର୍ଶନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରସନ୍ନ ରଥ ଓ ସଂଘମିତ୍ରା ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରାତ୍ର ୧୨.୩୦ମିରେ ମହାଦୀପ ଉଠିଥିଲା। ଭକ୍ତମାନେ ମହାଦୀପ ଦର୍ଶନ କରି ଠାକୁରଙ୍କ କରୁଣା ଭିକ୍ଷା କରିଥିଲେ। ରଘୁନାଥପଲ୍ଲିର ବିଧାୟକ ଦୂର୍ଗା ଚରଣ ତନ୍ତୀ ଉପସ୍ଥିତ ଥିଲେ। ଜାଗରଯାତ୍ରାରେ ମନ୍ଦିର ପରିଚାଳନା କମିଟିର ଅଶୋକ ସ୍ୱାଇଁ, ଲକ୍ଷ୍ମୀଧର ମିଶ୍ର, ଦିଲ୍ଲୀପ ଦାସ, ବିଭୁତି ଭୂଷଣ ଜେନା, ସରୋଜ ନାୟକ, ସୋମ୍ୟରାଉତ, ରାମାକାନ୍ତ ବେହେରା, ସୁବାଶ ପାତ୍ର, ଉତ୍ତମ ସାହୁ, ପ୍ରଶାନ୍ତ ବାରିକ, ମନୋରଞ୍ଜନ ସାମଲ, ପ୍ରତାପ ଦେଓ, ଦେବଦତ୍ତ ଜେନା, ରାମ ମୋହନ ନାୟକ, ପ୍ରସନ୍ନ ରଥ, ମନୋଜ ମିରକପ, ଆଦିତ୍ୟ ରାଉତରାୟ, ଲୋକେଶ ରାଉତ, ସନ୍ତୋଷ ଜେନା, ଅମୂଲ୍ୟ ନାୟକ, ଶ୍ରୀମନ୍ତ ନନ୍ଦ, ସଞ୍ଜୟ ନାୟକ, ଶ୍ରୀଦାନ ମଲ୍ଲିକ, ସଦାଶିବ ପାତ୍ର, ତ୍ରିନାଥ ପ୍ରଧାନ, ଅର୍ଜୁନ ବେହେରା, ରବିନାରାୟନ ରାଉତ, ସତ୍ୟଜିତ ସ୍ୱାଇଁ, ସଞ୍ଜୟ ପରିଡ଼ା, ଭାସ୍କର ଚଇନି, ରିତେଶ ରାଉତ, ଦିବ୍ୟରଞ୍ଜନ ଜେନା, ତାପସ ବାରିକ, ପ୍ରେମାନନ୍ଦ ପାଣ୍ଡବ, ଜଗଦୀଶ ମୁନ୍ନା, ରଞ୍ଜିତ ପଡ଼ିହାରୀ, ଦିଲ୍ଲୀପ ଲେଙ୍କା, ବିଜୟ ମଣ୍ଡଳ, ଶୁଭମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀୟ ଜନସଂଘର ସମର୍ପଣ ଦିବସ



**ରାଉରକେଲା, ୧୫।୨(ସମିସ):** ରାଉରକେଲା ସାଙ୍ଗଠନିକ ଜିଲ୍ଲା ଅଧୀନ ସେକ୍ଟର, -୭ ସ୍ଥିତ ମୁଣ୍ଡାରୀ ବସ୍ତିରେ ବିଜେପି ମଣ୍ଡଳ ସଭାନେତ୍ରୀ ପ୍ରତିମା ରାଉତଙ୍କ ଅଧ୍ୟକ୍ଷତାରେ ଭାରତୀୟ ଜନସଂଘର ରାଷ୍ଟ୍ରୀୟ ନେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥିକୁ ସମର୍ପଣ ଦିବସ ରୂପେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଦୀନଦୟାଲଜୀଙ୍କ ବାଲ୍ୟକାଳର ଦୁଃଖଦ ଘଟଣାବଳୀ ସହିତ ତାଙ୍କର ସଂଘର୍ଷମୟ ଜୀବନୀ, ଆର୍ଥିକ ଅନାଟନ, ରାଜନୈତିକ ଓ ରାଷ୍ଟ୍ରୀୟ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ସେ ତାଙ୍କର କର୍ମମୟ ଜୀବନ ରାଷ୍ଟ୍ରୀୟ ସ୍ୱୟଂସଂଘରୁ ୧୯୩୭ ଆରମ୍ଭକରି, ଭାରତୀୟ ଜନସଂଘର ସଭାପତି ପଦ ପର୍ଯ୍ୟନ୍ତ ଅଳଙ୍କୃତ କରିଥିଲେ। ଏକାଦ ମାନବବାଦ ଦର୍ଶନରେ ବ୍ୟକ୍ତି, ସମାଜ, ରାଷ୍ଟ୍ର, ସୃଷ୍ଟି ଓ ପରମେଷ୍ଟିଙ୍କର ଏକ ସାମଗ୍ରିକ ରୂପକଳ୍ପ ପ୍ରସ୍ତୁତ କରିଥିଲେ। ସେ ଦେଶର ଅର୍ଥାଗମ ନିମନ୍ତେ କୃଷି, ଶିଳ୍ପ, ବାଣିଜ୍ୟ ଏବଂ ସେବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସହ ସଂଯୋଜକ ଅମରେନ୍ଦ୍ର ଶର୍ମା, ବରିଷ୍ଠ ନେତା ସୁବ୍ରତ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ ଆଦି ଦୀନଦୟାଲ ଜୀଙ୍କ ସ୍ମୃତିଚାରଣ କରିବା ସହିତ ଦେଶ ପ୍ରତି ତାଙ୍କର ବଳିଦାନ ଉପରେ ଆଲୋକପାତ କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ବାରିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାସ ସାମଲ, ଉପ ସଭାପତି ସୁଶାର ଜେନା, କୋଷାଧକ୍ଷ ସନ୍ତୋଷ ରାଉତ, କାର୍ତ୍ତିକ ସାହୁ, ଅନୀଲ ତନ୍ତୀ, ସଂଯୁକ୍ତା ପାତ୍ର, ଗୌତମ ଡୁଙ୍ଗୁରି, ସରସ୍ୱତୀ ମହାନ୍ତ, ପ୍ରଭାସିନୀ ଦୁଙ୍ଗୁରୀ, ପ୍ରଶାନ୍ତ ଲେଙ୍କା, ଟିଙ୍କୁ ପ୍ରସାଦ, ଶୁଖେନ୍ଦୁ ଜେନା, ଗାଡୁ ବାଗ୍, ଅଜୟ ମଲ୍ଲିକ, ଅଶ୍ୱିନୀ ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ରାଉରକେଲା ଦିବସ ପାଳନ ପାଇଁ 'କାନଭାସ'ର ପ୍ରସ୍ତୁତି

**ରାଉରକେଲା, ୧୫।୨(ସମିସ):** ସାମାଜିକ ସଂଗଠନ କାନଭାସ୍ ଚଳିତ ବର୍ଷ ରାଉରକେଲା ଦିବସ ପାଳନ ନେଇ ପ୍ରସ୍ତୁତି ପର୍ବ ଆରମ୍ଭ କରିଛି। କାନଭାସ୍‌ର ଆବାହକ ସୁରେଶ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଚଳିତ ବର୍ଷ ଦିବସ ପାଳନକୁ ସରସ ସୁନ୍ଦର ଓ ଅଧିକ ଲୋକାଭିମୁଖୀ କରାଯିବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ମାର୍ଚ୍ଚ ମାସ ପରୀକ୍ଷା ଋତୁ ହୋଇଥିବାରୁ ପରୀକ୍ଷା ଶେଷ ହେବା ପରେ ମାର୍ଚ୍ଚ ୨୮ ଓ ୨୯ ଦୁଇ ଦିନ ଧରି ଏହି ଦିବସ ପାଳନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ବଲିଉଡ ଓ ଓଲିଉଡ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା ରହିଛି। ଏହା ପୂର୍ବରୁ ମାର୍ଚ୍ଚ ୩ରେ ଏକ ମିନି ମାରାଥନ ଅନୁଷ୍ଠିତ ହେବ। ମାରାଥନ ସେକ୍ଟର-୧୩ରୁ ବାହାରି ଆମ୍ବାଗାନ ଛକ ପର୍ଯ୍ୟନ୍ତ ହେବ। ମାର୍ଚ୍ଚ ୮ ରେ ଅନ୍ତର୍ଜାତୀୟ ମହିଳା ଦିବସରେ ରକ୍ତ ବର୍ଗ ଚିହ୍ନଟ ଓ ରକ୍ତଦାନ ଶିବିର ବନ୍ଧମୁଣ୍ଡାରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୧୬ରେ ସାଇକ୍ଲୋଥନ୍ ରାଉରକେଲା ପାଇଁ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାଛଡ଼ା ଗଠିତ ସବ୍ କମିଟି ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ରୂପରେଖ ପ୍ରସ୍ତୁତ କରିବେ ବୋଲି ଜଣାପଡ଼ିଛି।

## ଆର୍‌ଏସ୍‌ପିରେ ଅବସର ପୂର୍ବ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ଆୟୋଜିତ

**ରାଉରକେଲା, ୧୫।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ସିପିଟିଆଇ ଠାରେ ଆୟୋଜିତ ହୋଇଛି। କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ମେକାନିକାଲ ବିଭାଗର ସିଜିଏମ ଡିକେ ପାଲ ମୁଖ୍ୟ ଅତିଥି ଏବଂ ଏସପିପି ବିଭାଗର ଜିଏମ ଇନଚାର୍ଜ ଡ.ବିକେ ପାଢ଼ୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଫେବୃଆରୀରେ ଆରଏସପିରୁ ଅବସର ଗ୍ରହଣ କରୁଥିବା ୩୨ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନର ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମଓ ଡ.ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସିଆଣ୍ଡ ଆଇଟି ବିଭାଗର ଡିଜିଏମ ଭିପି ଆର୍ଯ୍ୟ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ଏସପିପି ବିଭାଗର ଇନଚାର୍ଜ ପିକେ ପାଢ଼ୀ ସକାରାତ୍ମକ ମନୋଭାବ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚଆର-ଇଏ, ଜି, ଇଆର ଆଣ୍ଡ ସି ବିଭାଗର ଏଜିଏମ ଅଭିନାଶ ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚଆର ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସପି ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଜିଏମ ଅଭିନାଶ, ଏଚଆର ବିଭାଗର ଡେପୁଟି ମ୍ୟାନେଜର ଏକେ ନାୟକ, ଶ୍ରମ ନିରୀକ୍ଷକ କେକେ ପରିଡ଼ା ଏବଂ ଏଚଆର ଇଆର ଆଣ୍ଡ ସି ବିଭାଗୀୟ ଦଳ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ମୁକ୍ତିକାନ୍ତ ବେହେରା କେନ୍ଦ୍ରୀୟ ଦୋଳ ମେଳଣ ସମିତିର ଆବାହକ ମନୋନୀତ



**ରାଉରକେଲା, ୧୫।୨(ସମିସ):** ସମାଜସେବୀ ମୁକ୍ତିକାନ୍ତ ବେହେରା କେନ୍ଦ୍ରୀୟ ଦୋଳ ମେଳଣ ସମିତିର ଆବାହକ ଭାବେ ମନୋନୀତ ହୋଇଛନ୍ତି। ଏ ନେଇ ସେକ୍ଟର ୧୫ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କେନ୍ଦ୍ରୀୟ ଦୋଳ ମେଳଣ ସମିତିର ବାର୍ଷିକ ସାଧାରଣ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଗାମୀ ମାର୍ଚ୍ଚ ୫ ତାରିଖରେ ଦ୍ୱାଦଶ ତମ ଦୋଳ ମେଳଣ ଉତ୍ସବ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ପୂର୍ବ ବର୍ଷର ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଚଳିତ ବର୍ଷର ଦୋଳ ମହୋତ୍ସବ ପାଳିତ ହେବ ବୋଲି ସୂଚନା ମିଳିଛି। ତେବେ ଆବାହକ ଭାବେ ଅନୁଷ୍ଠାନର ଆଜୀବନ ସଦସ୍ୟ ମୁକ୍ତିକାନ୍ତ ବେହେରାଙ୍କୁ ଚୟନ କରାଯାଇଛି। ଦୋଳ ମେଳଣ ସମିତିର ସମସ୍ତ ସଦସ୍ୟ ଆଗାମୀ ବୈଠକରେ ଯୋଗ ଦେବାକୁ ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ସୁଶାନ୍ତ ପ୍ରଧାନ, ଈଶ୍ୱର ଭଞ୍ଜ, ପର୍ଶୁରାମ ପୋଥାଳ ପ୍ରମୁଖ ଅନୁରୋଧ କରିଛନ୍ତି।

### ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ଗଠିତ

# ଦରବୃଦ୍ଧି ନେଇ ଇଆର୍‌ସିର ଜନଶୁଣାଣିକୁ ବିରୋଧ ନିଷ୍ପତ୍ତି

ରାଉରକେଲା, ୧୫।୨(ସମିସ)



ପଶ୍ଚିମ ଓଡ଼ିଶାର ବିଦ୍ୟୁତ ଉପଭୋକ୍ତାମାନଙ୍କ ପାଇଁ ବିଜୁଳି ଦର ବୃଦ୍ଧି କରିବା ପାଇଁ ଓ ଇଆରସି ପକ୍ଷରୁ ଆଗାମୀ ୧୯ରେ ସମ୍ବଲପୁର ଠାରେ ଜନଶୁଣାଣି ହେବାକୁ ନିଷ୍ପତ୍ତି ହୋଇଛି। ତେବେ ଏହାକୁ ଜୋରଦାର ବିରୋଧ କରିବା ପାଇଁ ସ୍ଥିର କରାହୋଇଛି। ଏନେଇ ରାଉରକେଲାର ସମସ୍ତ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ନେଇ ଛେଣ୍ଡ ଠାରେ ବୈଠକ ହୋଇ ବିଦ୍ୟୁତ ଉପଭୋକ୍ତା ସୁରକ୍ଷା ମଞ୍ଚ ଗଠନ କରାଯାଇଛି। ସମାଜସେବୀ ସଞ୍ଜୀବ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଞ୍ଚର ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କର ଆବାହକ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶାରେ ବିଦ୍ୟୁତ ବିଭାଗକୁ ସରକାର ଘରୋଇକରଣ କଲା ବେଳେ ନିରନ୍ତର, ଗୁଣାତ୍ମକ ବିଦ୍ୟୁତ ସେବା ସାଧାରଣ ଉପଭୋକ୍ତାଙ୍କୁ ମିଳିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଥିରେ ଘୋର ବ୍ୟତିକ୍ରମ ଦେଖାଦେଇଛି। ପ୍ରଥମରାଜ୍ୟ ଭାବେ ଓଡ଼ିଶାରେ ବିଦ୍ୟୁତ ସେବାକୁ ତତ୍କାଳୀନ ସରକାର ଘରୋଇ କମ୍ପାନୀକୁ ଟେକି ଦେଇଥିଲେ। ଏହି ଘରୋଇ କମ୍ପାନୀ ବିଦ୍ୟୁତ ବିତରଣ ହାତକୁ ନେବା ପରେ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ (ଓଏସଇବି) ସମୟରେ ଯାହା ଭିତ୍ତିଭୂମି ଛାଡି ଯାଇଥିଲେ, ସେଥିରେ ଅଧିକ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ନକରି କେବଳ ଖାଉଟି ମାନଙ୍କ ଉପରେ କିଭଳି ଅଧିକ ଶୁଳ୍କ ଲଗାଯିବ ସେ ବ୍ୟବସ୍ଥା କରିଛନ୍ତି। ଟାଟା ପାୱାର କମ୍ପାନୀ ହାତକୁ ବିତରକ ବ୍ୟବସ୍ଥା ଗଲା ପରେ ଖାଉଟିଙ୍କ ଉପରେ ଜୁଲୁମ ଅଧିକ ବଢ଼ିଯାଇଛି। କେତେବେଳେ ସ୍ମାର୍ଟ୍ ମିଟର ବସାଇବାକୁ ନେଇ ତ ଆଉ କେତେବେଳେ ମାସିକ ମିଟର ରିଡିଂରେ ଜାଣିଶୁଣି ସ୍ଲାବକୁ ବଢ଼ାଇ ସାଧାରଣ ଉପଭୋକ୍ତାଙ୍କୁ ଲୁଟ୍ କରାଯାଉଛି। ପ୍ରତି ସପ୍ତାହରେ ରକ୍ଷଣାବେକ୍ଷଣ ନାମରେ ୬ରୁ ୭ ଘଣ୍ଟା ବିଜୁଳି କାଟ ହେଉଛି। ଗୁଣାତ୍ମକ ଓ ନିରନ୍ତର ସେବା ଯୋଗାଇ ଦେବାର ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ମଧ୍ୟରେ ସୀମିତ ରହିଛି। ବର୍ତ୍ତମାନ ଆଗାମୀ ୧୯ ତାରିଖରେ ଓଇଆରସି ସମ୍ବଲପୁର ଠାରେ ଜନଶୁଣାଣି କରି ବିଦ୍ୟୁତ ଦର ବଢ଼ାଇବାକୁ ଯାଉଛି। ଏହାକୁ ଜୋରଦାର ବିରୋଧ କରିବା ପାଇଁ ସମସ୍ତ ଉପଭୋକ୍ତାଙ୍କୁ ଏକତ୍ରିତ କରିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି। ବୈଠକରେ ବିଶିଷ୍ଟ ପ୍ରାବନ୍ଧିକ ବ୍ରଜେନ୍ଦ୍ର ଦାଶ, ଶ୍ରମିକ ନେତା ଜାହାଙ୍ଗୀର ଅଲ୍ଲୀ, ଓଏସଇବି ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ସନ୍ତୋଷ ସାହୁ ପ୍ରମୁଖ ଉପଭୋକ୍ତା ମାନଙ୍କୁ ସଂଗଠିତ କରିବା ସହିତ ଆନ୍ଦୋଳନକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରମିକ ନେତା ଶ୍ରୀମନ୍ତ ବେହେରା, ତ୍ରିଲୋଚନ ପରିଡ଼ା, ସୁରେନ୍ଦ୍ର ଦାଶ, ଏସଏନ୍ ପଣ୍ଡା, ଆଇନଜୀବୀ ରାଜକିଶୋର ପ୍ରଧାନ, ଚନ୍ଦ୍ରଭାନୁ ଦାସ, ସୁକାନ୍ତ ଖୁଣ୍ଟିଆ, ବିମାନ ମାଇତି, ବିଜୟ ପ୍ରଧାନ ପ୍ରମୁଖ ପ୍ରସ୍ତାବିତ ଜନଶୁଣାଣିକୁ ମଞ୍ଚ ପକ୍ଷରୁ ବିରୋଧ କରିଥିଲେ। ସେଦିନ ରାଉରକେଲା ଟାଟା ପାୱାର ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ରଖିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ମଞ୍ଚ ପକ୍ଷରୁ ବିଦ୍ୟୁତ ଦରବୃଦ୍ଧି ନେଇ ଓଇଆରସିର ସମ୍ବଲପୁର ଠାରେ ପ୍ରସ୍ତାବିତ ଜନଶୁଣାଣି ଜୋରଦାର ବିରୋଧ କରାଯିବା ସହିତ ରାଉରକେଲା ସ୍ଥିତ ଟାଟା ପାୱାର ଏସଇଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଉପଭୋକ୍ତା ମାନଙ୍କୁ ସଂଗଠିତ କରିବା ପାଇଁ ବ୍ୟାପକ ପ୍ରଚାରପତ୍ର ବଣ୍ଟନ, ମାଇକ ପ୍ରଚାର ଓ ବିଭିନ୍ନ ସ୍ଥାନରେ ସଭା କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ହୃଦୟାନନ୍ଦ ଯାଦବ, ବିଶ୍ୱଜିତ ମାଝୀ, ସଚିନ୍ ରାୟ, ଏନ୍‌କେ ରାଉତରାୟ, ରାଜୀବ ବସନ୍ତରାୟ, ପ୍ରମୋଦ ପରିଡ଼ା, ନନ୍ଦନ ପାତ୍ର, ଏନ୍‌ଏନ୍ ସାମନ୍ତରାୟ, ଜିକେ ରାୟ, ଜିବି ଜେନା ପ୍ରମୁଖ ଆନ୍ଦୋଳନ ପାଇଁ ଅଧିକରୁ ଅଧିକ ଉପଭୋକ୍ତାଙ୍କୁ ସାମିଲ କରିବାକୁ ପ୍ରସ୍ତାବ ରଖିଥିଲେ।

# ଚାଷୀଙ୍କୁ ଭରସା ଦେଲା ସୋରିଷ ଚାଷ

ଅମ୍ବାଭୋନା, ୧୫ା୨(ସମିସ)



ଓଡ଼ିଶାର ଭାତହାଣ୍ଡି ଭାବେ ସୁନାମ ଅର୍ଜନ କରିଥିବା ବରଗଡ଼ ଜିଲ୍ଲାର ଅଣଜଳସେଚିତ ବ୍ଲକ ଅମ୍ବାଭୋନା ରବି ଋତୁରେ ତୈଳଜାତୀୟ ଫସଲ ଚାଷ ପାଇଁ ପରିଚିତ। ଗୋଟିଏ ପଟେ ପଟେ ବାରପାହାଡ ପର୍ବତମାଳା ଓ ଅନ୍ୟ ପଟେ ମହାନଦୀ ସହ ହୀରାକୁଦ ଜଳାଶୟ ନିକଟରେ ଥିଲେ ମଧ୍ୟ, ଜଳସେଚନ ସୁବିଧା ଅଭାବରୁ ଏହି ଅଞ୍ଚଳ ବାରମ୍ବାର ମରୁଡ଼ିର ସମ୍ମୁଖୀନ ହୋଇଆସୁଛି। ରବି ଋତୁରେ ପାର୍ବତୀଗିରି ମେଘା ଉଠା ଜଳସେଚନ ବ୍ୟବସ୍ଥା ମାଧ୍ୟମରେ ଏଠାରେ ପ୍ରଚୁର ପରିମାଣରେ ସୋରିଷ ଭଳି ତୈଳଜାତୀୟ ଫସଲ ଚାଷ ହେଉଛି। ଚଳିତ ବର୍ଷ ବରଗଡ଼ ଜିଲ୍ଲାରେ ସମୁଦାୟ ୩୨୫୪ ହେକ୍ଟର ଜମିରେ ସୋରିଷ ଚାଷ ହୋଇଥିବା ବେଳେ, ଅମ୍ବାଭୋନା ବ୍ଲକରେ ୧୭୧୦ ହେକ୍ଟର ଜମିରେ ଏହି ଚାଷ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ବର୍ଷ ଅନୁକୂଳ ଜଳବାୟୁ କାରଣରୁ ସୋରିଷ ଫସଲ ବେଶ ଭଲ ହୋଇଥିବା ସୂଚନା ରହିଛି। ଚାଷୀଙ୍କ କହିବା ଅନୁସାରେ ଏକ ଏକର ଜମି ପାଇଁ ଟ୍ରାକ୍ଟର ଭଡାରେ ଜମି ପ୍ରସ୍ତୁତି ପାଇଁ ପ୍ରାୟ ୨୦୦୦ ଟଙ୍କା, ବିହନ (୪ କେଜି) ପାଇଁ ୪୦୦ ଟଙ୍କା, ସାର ଓ କୀଟନାଶକ ପାଇଁ ୩୫୦୦ ଟଙ୍କା, ଅମଳ ଖର୍ଚ୍ଚ ୨୦୦୦ ଟଙ୍କା ଏବଂ ଜଳସେଚନ ସହ ଶ୍ରମିକ ମଜୁରୀ ପାଇଁ ୨୦୦୦ ଟଙ୍କା ମିଶାଇ ମୋଟ ଖର୍ଚ୍ଚ ପ୍ରାୟ ୧୦ ହଜାର ଟଙ୍କା ହେଉଛି। ଏକ ଏକରରୁ ସାଧାରଣତଃ ୪ କ୍ୱିଣ୍ଟାଲ ପର୍ଯ୍ୟନ୍ତ ସୋରିଷ ଅମଳ ହେଉଥିବା ବେଳେ, ବଜାରରେ କ୍ୱିଣ୍ଟାଲ ପ୍ରତି ପ୍ରାୟ ୫ ହଜାର ଟଙ୍କା ଦରରେ ବିକ୍ରି ହେଉଛି। ଏହା ଫଳରେ ଏକ ଏକର ପ୍ରତି ପ୍ରାୟ ୨୦ ହଜାର ଟଙ୍କା ଆୟ ହେଉଛି। ଅମ୍ବାଭୋନା ବ୍ଲକର କଣ୍ଟିପାଲି, ମୁଚମଲଦା, ତେଲିପାଲି, ଚିଚୋଲି, ରୁଚିଦା, ଉତ୍ତମ, ଲଖନପୁର ଓ ଅମ୍ବାଭୋନା ଆଦି ଗାଁମାନଙ୍କରେ ଏହି ଚାଷ ବହୁଳ ଭାବେ ହୋଇଛି। କମ ପାଣି, କମ ଶ୍ରମ ଓ କମ ଖର୍ଚ୍ଚରେ ଭଲ ଲାଭ ମିଳୁଥିବାରୁ ଚାଷୀମାନେ ସୋରିଷ ଚାଷ ପ୍ରତି ଆଗ୍ରହୀ ହେଉଛନ୍ତି। କିନ୍ତୁ ସରକାରୀ ସହାୟତା ଓ ସୁବିଧାର ଅଭାବ ହେତୁ ବେଳେ ବେଳେ କ୍ଷତି ସହିବାକୁ ପଡୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ବିଶେଷ କରି ଉନ୍ନତ ବିହନ, ସାର, କୀଟନାଶକ ସହାୟତା, ଜଳସେଚନ ବ୍ୟବସ୍ଥା, ମଣ୍ଡି ସୁବିଧା, କ୍ଷୟକ୍ଷତି ହେଲେ ଇନପୁଟ ସହାୟତା ଓ ବୀମା ବ୍ୟବସ୍ଥା ମିଳିଲେ ଆଗାମୀ ଦିନରେ ଏହି ଚାଷ ଆହୁରି ବୃଦ୍ଧି ପାଇବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି।

**ପାର୍ବତୀଗିରି ଲିଫ୍ଟ ଜଳସେଚନରେ ଫଳିଛି ସୋରିଷ ଫସଲ**

# ବଣାଇଁଗଡ଼ ବ୍ଲକ୍‌ରେ ୧୧୬୩ ଛାତ୍ରଛାତ୍ରୀ ଦେବେ ମାଟ୍ରିକ ପରୀକ୍ଷା

**ବଣାଇ, ୧୫ା୨(ସମିସ):** ସମଗ୍ର ରାଜ୍ୟରେ ଆସନ୍ତା ୧୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଛାତ୍ରଛାତ୍ରୀ ମଧ୍ୟ ପରୀକ୍ଷା ଦେବାକୁ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ବଣାଇ ବ୍ଲକରୁ ସମୁଦାୟ ୧୧୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ବୋର୍ଡ ପକ୍ଷରୁ ବଣାଇର ରାଜା ଧରଣୀଧର ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ବଡ ଗୋଗୁଆ, କେନାଭେଟା, ବଲାଙ୍ଗ, ବଇଦପାଲି, ରୁଗୁଡା ୭ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଏଥିପାଇଁ ରାଜା ଧରଣୀଧର ହାଇସ୍କୁଲରେ ନୋଡାଲ ସେଣ୍ଟର ଖୋଲା ଯାଇଛି। ଏହି ସ୍କୁଲରେ ପ୍ରଶ୍ନପତ୍ର କଡା ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ ରୁମରେ ରଖାଯିବ। ପରୀକ୍ଷା ସୂଚାରୁ ଭାବେ କରିବା ପାଇଁ ରାଜା ଧରଣୀଧର ହାଇସ୍କୁଲରେ ଆଜି ଏକ ଟ୍ରେନିଂ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଶିକ୍ଷକ ମାନଙ୍କୁ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଦିନ ସକାଳ ୯ ଟାରେ ପରୀକ୍ଷା ଥିବାବେଳେ ସକାଳ ୮ରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିବେ। ପ୍ରଶ୍ନପତ୍ର ଆସିବା ଠାରୁ ପରୀକ୍ଷା ସାରି ଉତ୍ତରଖାତା ଯିବା ପର୍ଯ୍ୟନ୍ତ ଟିକିନିଖି ତଦାରଖ ହେବ। ବିଇଓ, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ରହିବ। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ପରୀକ୍ଷା ସମୟରେ ଅନ୍ୟ କେହି ବି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ନେଇପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।



# ଦୁଇ ନିଖୋଜ ନାବାଳକ ଉଦ୍ଧାର

**ରିଆମାଳ, ୧୫ା୨(ସମିସ):** ଆମାଳ ଥାନା ଅଞ୍ଚଳର ଦୁଇ ଜଣ ୧୧ ବର୍ଷିୟ ନାବାଳକ ଆଜି ସକାଳୁ ନିଖୋଜ ହୋଇଥିବା ବେଳେ ସନ୍ଧ୍ୟାରେ ରେଙ୍ଗାଲବେଡା ମାର୍କେଟରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ବାବରାକୋଟ ଗାଁର ମନୋଜ ସ୍ୱାଇଁଙ୍କ ପୁଅ ସତ୍ୟଜିତ ସ୍ୱାଇଁ ଓ ତିମୁର ଗାଁର ଦିଲ୍ଲୀପ ସାହୁଙ୍କ ପୁଅ ସୁଦିପ ସାହୁ। ଉଭୟ ସାଙ୍ଗ ହୋଇ ଘରେ କାହାକୁ କିଛି ନ କହି ଦେବଗଡ଼ ଅଞ୍ଚଳକୁ କ୍ରିକେଟ ଖେଳିବାକୁ ଯାଇଥିଲେ। ମାତ୍ର ବେଳ ହେବାରୁ ଘରକୁ ନ ଫେରିବାରୁ ପରିବାର ଲୋକ ଚାରିଆଡେ ଖୋଜାଖୋଜି କରି ପାଇ ନ ଥିଲେ। ଫଳରେ ପୁଲିସ ଓ ସାମାଜିକ ଗଣମାଧ୍ୟମରେ ନିଖୋଜ ଥିବା ସୂଚନା ଦେଇଥିଲେ। ଏହାପରେ ପରିବାର ଓ ପୁଲିସ ଜୋରଦାର ଖୋଜାଖୋଜି କରିଥିଲେ। ଶେଷରେ ସନ୍ଧ୍ୟାରେ ଉଭୟ ନାବାଳକଙ୍କୁ ରେଙ୍ଗାଲବେଡା ମାର୍କେଟରେ ଦେଖିବାକୁ ମିଳିଥିଲା। ତୁରନ୍ତ ପରିବାରକୁ ଖବର ଦିଆ ହୋଇଥିଲେ। ଉଭୟ ସୁରକ୍ଷିତ ଭାବେ ଘରକୁ ଫେରିଥିବା ଜଣାପଡ଼ିଛି।




# ଆର୍‌ଏସ୍‌ପି ଷ୍ଟିଲ୍ ମେଲ୍ଟିଂ ସପ୍-୧ କନଭର୍ଟରର ଲାଇନିଂ ଲାଇଫରେ ନୂତନ ରେକର୍ଡ

**ରାଉରକେଲା, ୧୫ା୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୧ (ଏସଏମଏସ-୧) ବିଭାଗର କନଭର୍ଟରର 'କ୍ୟୁ' କନଭର୍ଟରର ଲାଇନିଂ ଲାଇଫରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଅଗଷ୍ଟ ୨୦୧୪ରେ ୨, ୧୨୫ ହିଟ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଉଲ୍ଲେଖନୀୟ ଯେ, ଏଯାବତ ଉକ୍ତ କନଭର୍ଟରର କାର୍ଯ୍ୟକ୍ଷମତା ଜାରି ରହିଛି। ପ୍ରକ୍ରିୟା ପରିମାପକତା ଗୁଡ଼ିକର ଦୃଢ ନିୟନ୍ତ୍ରଣ, ଶ୍ରେଷ୍ଠ ରିଫ୍ରାକ୍ଟ୍ରି ପରିଚାଳନା ଅଭ୍ୟାସ ଏବଂ କନଭର୍ଟର କାର୍ଯ୍ୟ ସମୟରେ ମାନକ ପରିଚାଳନା ପ୍ରକ୍ରିୟାଗୁଡ଼ିକର ନିରନ୍ତର ଅନୁପାଳନ ମାଧ୍ୟମରେ ଲାଇନିଂ ଲାଇଫରେ ଉଲ୍ଲେଖନୀୟ ଉନ୍ନତି ହାସଲ କରାଯାଇଛି। ଏହି ସଫଳତା କାର୍ଯ୍ୟକ୍ଷମ ଉତ୍କର୍ଷତା, ସିଫ୍ଟ ଇନଚାର୍ଜ ଏବଂ ଅପରେଟିଂ ଦଳଙ୍କ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟ, ବ୍ଲୋଅର୍ ଏବଂ ଲାନ୍ସ ଅପରେଟରମାନଙ୍କ ଦ୍ୱାରା ସୂକ୍ଷ୍ମ ପ୍ରକ୍ରିୟା ନିୟନ୍ତ୍ରଣ ସହିତ ସମସ୍ତ ଏସଏମଏସ-୧ କର୍ମଚାରୀଙ୍କ ଉତ୍ସର୍ଗୀକୃତ ଦଳଗତ କାର୍ଯ୍ୟକୁ ପ୍ରତିଫଳିତ କରିଛି। ପ୍ରମୁଖ ଯୋଗଦାନକାରୀ କାରକଗୁଡ଼ିକ ମଧ୍ୟରେ ନିୟନ୍ତ୍ରିତ ବ୍ଲୋଇଂ ଅଭ୍ୟାସ, ଉନ୍ନତ ସ୍ଲାଗ୍ ବ୍ୟବସ୍ଥାର ପରିଚାଳନା, ପ୍ରଭାବଶାଳୀ ଏଣ୍ଡପଏଣ୍ଟ ନିୟନ୍ତ୍ରଣ ଏବଂ ରିଫ୍ରାକ୍ଟ୍ରି ଲାଇନିଂର ସମୟୋଚିତ ଗନ୍ ତଥା ପ୍ୟାଚିଂ ଅନ୍ତର୍ଭୁକ୍ତ। ଥର୍ମାଲ୍ ଲୋଡ୍, ବାଥ୍ ଆଜେଟିସନ୍ ଏବଂ ସ୍ଲାଗ୍ କେମିଷ୍ଟ୍ରିର ଇନଚାର୍ଜ ଏବଂ ସିଫ୍ଟ ଚାର୍ଜଙ୍କ ଦ୍ୱାରା ସଠିକ ତଦାରଖ, ଉତ୍ତପ୍ତ ଧାତୁ ଏବଂ ସ୍କ୍ରାପ୍ ଗୁଣବତ୍ତା ଉପରେ ଶୃଙ୍ଖଳିତ ନିୟନ୍ତ୍ରଣ ସହିତ, କ୍ଷରଣକୁ କମ କରିବା ସଙ୍ଗେ ସଙ୍ଗେ ଲାଇନିଂ ଅଭିଯାନର ସ୍ଥାୟିତ୍ୱ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ଅଭିଯାନ, ରେଫ୍ରାକ୍ଟୋରୀ, ମେକାନିକାଲ୍ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଏଲଡିବିପି, ବିଏଫ ଏବଂ ଆରସିଏଲ ଟିମ ମଧ୍ୟରେ ବର୍ଦ୍ଧିତ ସମନ୍ୱୟକୁ ମଧ୍ୟ ଏହି ସଫଳତାର ଶ୍ରେୟ ଦିଆଯାଇଛି। ଯାହା ସମଗ୍ର ଅଭିଯାନରେ ସ୍ଥିରତା ଏବଂ ଦୃଢ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରିଛି। ଏସଏମଏସ - ୧ ବିଭାଗର ସିଜିଏମ ବି. ସୁନୀଲ କାର୍ଥା ଏବଂ ରେଫ୍ରାକ୍ଟୋରୀ ବିଭାଗର ସିଜିଏମ ଏସଏସ ପଣ୍ଡାଙ୍କ ସାମଗ୍ରିକ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରାଯାଇଥିଲା। କନଭର୍ଟର 'କ୍ୟୁ'ର ବର୍ଦ୍ଧିତ ଲାଇନିଂ ଲାଇଫ ଫଳରେ କନଭର୍ଟର ଉପଲବ୍ଧତାରେ ଉନ୍ନତି ଆସିଛି। ପ୍ରତି ହିଟ୍ ରିଫ୍ରାକ୍ଟୋରୀ ବ୍ୟବହାର ହ୍ରାସ ପାଇଛି। ରିଲାଇନିଙ୍ଗ ଡାଉନଟାଇମ୍ ହ୍ରାସ ପାଇଛି ଏବଂ ଏସଏମଏସ -୧ କାର୍ଯ୍ୟର ଉତ୍ପାଦକତା ସହିତ ମୂଲ୍ୟ ନିପୁଣତାରେ ସାମଗ୍ରିକ ବୃଦ୍ଧି ହୋଇଛି। ଉଲ୍ଲେଖନୀୟ ଯେ, ଏସଏମଏସ-୧ ଭାରତୀୟ ଇସ୍ପାତ ଶିଳ୍ପର ସବୁଠାରୁ ପୁରୁଣା ଓ ସବୁଠାରୁ ସମ୍ମାନଜନକ କନଭର୍ଟର ସପ୍ ମଧ୍ୟରୁ ଅନ୍ୟତମ। ୧୯୫୯ ମସିହାରେ କାର୍ଯ୍ୟକ୍ଷମ ହୋଇଥିବା ଏସଏମଏସ-୧ ଏସିଆର ପ୍ରଥମ ଏବଂ ବିଶ୍ୱରେ ଦ୍ୱିତୀୟ ଏଲଡି କନଭର୍ଟର ସପ ହେବାର ଅନନ୍ୟ ଗୌରବ ବହନ କରୁଛି। ସର୍ବନିମ୍ନ ସ୍ୱୟଂଚାଳିତତା ସତ୍ତ୍ୱେ ଏସଏମଏସ-୧ ବିଭାଗର ସିଜିଏମ ବି. ସୁନୀଲ କାର୍ଥାଙ୍କ ମାର୍ଗଦର୍ଶନରେ, ବିଭାଗ ଶୃଙ୍ଖଳିତ ଅଭ୍ୟାସ, ଦୃଢ଼ ପ୍ରକ୍ରିୟା ନିୟନ୍ତ୍ରଣ, ପ୍ରେରଣାଦାୟକ ଏବଂ ଉଚ୍ଚ ଦକ୍ଷ ମାନବସମ୍ବଳ ଦ୍ୱାରା ପରିଚାଳିତ ଅସାଧାରଣ କାର୍ଯ୍ୟକ୍ଷମ କ୍ଷମତା ପ୍ରଦର୍ଶନ କରିଚାଲିଛି।



# ଜଗନ୍ନାଥ ମନ୍ଦିରର ୪୦ତମ ପ୍ରତିଷ୍ଠା ଉତ୍ସବ

**ବ୍ରଜରାଜନଗର, ୧୫ା୨(ସମିସ):** ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୪୦ ତମ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ୧୩ ତାରିଖ କଳସ ସ୍ଥାପନ ତଥା ଶୁଭ ଅଧିବାସ କର୍ମ ହୋଇଥିଲା। ଶନିବାର ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ଆଜି ମହାଶିବରାତ୍ରିରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ସଂଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ସମୟରେ ବହୁ ଶ୍ରଦ୍ଧାଳୁ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମାଗମ ଦେଖିବାକୁ ମିଳିଥିଲା। ବିଶ୍ୱଶାନ୍ତି ମହାଯଜ୍ଞରେ ଅରବିନ୍ଦ ବିୟ୍ୟାଲା ଓ ତାଙ୍କ ଧର୍ମପତ୍ନୀ ସିମା ବିୟ୍ୟାଲା କର୍ତ୍ତା ଭାବେ ରହିଥିଲେ। ପୁରୀରୁ ଆସିଥିବା ପଣ୍ଡିତ ଅଭିମନ୍ୟୁ ଷଡଙ୍ଗୀ, ଅନିଲ ପ୍ରିୟଦର୍ଶିନୀ ନନ୍ଦ ଓ କଳ୍ପତରୁ ଶତପଥୀଙ୍କ ବେଦମନ୍ତ୍ର ଉଚ୍ଚାରଣରେ ସହରରେ ଧାର୍ମିକ ଓ ଶାନ୍ତିର ବାତାବରଣ ସୃଷ୍ଟି କରିଥିଲା। ମନ୍ଦିର ପରିଚାଳନା କମିଟିର ଯୁଧିଷ୍ଠିର ନାୟକ, ଅର୍ଜୁନ ଧଳ, ଆର୍ତ୍ତତ୍ରାଣ ବେହେରା, ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମନ୍ଦିର ପୂଜକ ଶ୍ରୀଧର ଦାଶ, ଗଦାଧର ଦାଶ, ମୁରଲୀଧର ପଣ୍ଡା ଓ ମନ୍ଦିର ସେବକ ବୈକୁଣ୍ଠ ଘୋଷ ସମସ୍ତ ପୂଜା କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଘୁଘୁରାପାଲିରେ ଆମ୍ବେଦକର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ଅମ୍ବାଭୋନା, ୧୫ା୨(ସମିସ):** ଅମ୍ବାଭୋନା ବ୍ଲକ ଅଧୀନ ଘୁଘୁରାପାଲି ଗାଁ ଠାରେ ସମ୍ବିଧାନ ନିର୍ମାତା ବାବାସାହେବ ଡ.ବି. ଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକରବାଦୀ ଟିକଚନ୍ଦ୍ର ଦେହେରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆମ୍ବେଦକର ଯୁବା ସଂଘ ବରଗଡ଼ର ପୁରନ୍ଦର ଭୋସାଗର, ଅଚ୍ୟୁତ ସର, ସାମପାଲି ଆମ୍ବେଦକର ଯୁବା ସଂଘର ସଭାପତି ପଦ୍ମନ ଦେହେରୀ, ଡ. ବିଆର୍ ଆମ୍ବେଦକର ୱେଲଫେୟାର ଟ୍ରଷ୍ଟର ବିମଳ କିଶୋର ନାଗ ଯୋଗ ଦେଇଥିଲେ। ବାବାସାହେବଙ୍କ ୧୩୫ତମ ଜନ୍ମ ଜୟନ୍ତୀ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳନ କରାଯାଇଥାଏ। ଏହି ଦୃଷ୍ଟିରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ସମ୍ଭବ ନ ହେବାରୁ ୧୯ ଏପ୍ରିଲ ରବିବାର ଦିନ ଜନ୍ମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ କରାଯିବାର ବୈଠକରେ ସ୍ଥିରୀକୃତ ହୋଇଛି। ସଭାରେ ଗାଁର ହେମନ୍ତରଣବୀର, ଅର୍ଜୁନ ଦେହେରୀ, ବୁଦ୍ଧଦେବ ମହାନନ୍ଦ, ନିଳକଣ୍ଠ ଦେହେରୀ, ପୂର୍ଣ୍ଣ ମହାନନ୍ଦ ପିଙ୍କୁ ଜାମଡୁଲିଆ, ଅଭିମନ୍ୟୁ ଛତର, ଚିରଞ୍ଜିତ ଛତର, ସୁରେଶ ମହାନନ୍ଦ, ନିରଞ୍ଜନକୁମାର ହରି ଦେହେରୀଙ୍କ ସମେତ ସମସ୍ତ ପଡ଼ାବାସୀ ଉପସ୍ଥିତ ଥିଲେ।

# ମହାଶିବରାତ୍ରିରେ ଶୈବପୀଠରେ ପୂଜାର୍ଚ୍ଚନା

**ଝାରସୁଗୁଡ଼ା, ୧୫ା୨(ସମିସ):** ମହାଶିବରାତ୍ରି ଅବସରରେ ଝାରସୁଗୁଡ଼ା ସ୍ଥିତ ଝାଡେଶ୍ୱର, ପାହାଡେଶ୍ୱର, ମୁକ୍ତେଶ୍ୱର ସହ ଅନ୍ୟାନ୍ୟ ଶୈବପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ସହ ପୂଜାର୍ଚ୍ଚନା ହୋଇଥିଲା। ସେହିପରି ଗ୍ରାମାଞ୍ଚଳରେ ଥିବା ସିଆଲରମା, ଧୁତରା, ଟାଳମାଳ, ନକ୍ସାପାଲି, ସାରସମାଳର ଶିବମନ୍ଦିର ମାନଙ୍କରରେ ଲୋକେ ନଡିଆ, ଫଳଫୁଲ ସହ ଜଳାଭିଷେକ କରୁଥିବା ଦେଖିବାକୁ ମିଳିଥିଲା। ବାଗଡ଼ିହି ସ୍ଥିତ ଭାରତର ଦ୍ୱିତୀୟ ମହାକାଳ ମନ୍ଦିର ରୂପେ ମହାକାଳ ମନ୍ଦିର ଠାରେ ପ୍ରଭାତରେ ଦୂରଦୂରାନ୍ତରୁ ଆସି ପହଞ୍ଚିଥିବା ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା ଏବଂ ଭକ୍ତମାନେ ବିଧିବିଧାନ ଅନୁଯାୟୀ ଜଳାଭିଷେକ ଓ ପୂଜାଭିଷେକ କରିଥିଲେ। ଏହାସହ ବାଗଡ଼ିହିର ପ୍ରାଚୀନ ରାଧାକୃଷ୍ଣ ମନ୍ଦିରରେ ମଧ୍ୟ ଭକ୍ତମାନଙ୍କ ଦ୍ୱାରା ରୁଦ୍ରାଭିଷେକ ହୋଇଥିଲା। ମହାଶିବରାତ୍ରି ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମହାକାଳ ଭଗବାନ ଶଙ୍କରଙ୍କ ଦର୍ଶନ କରିଥିଲେ। ଏହାସହ ଅଞ୍ଚଳର ସମସ୍ତଙ୍କୁ ଶିବରାତ୍ରିର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।



# ବ୍ଲକ୍‌ସ୍ତରୀୟ ଶିକ୍ଷକ ତାଲିମ ପ୍ରବୋଧନ ଆରମ୍ଭ



**ପଦ୍ମପୁର, ୧୫ା୨ (ସମିସ):** ରାଜବୋଡାସମ୍ବର ବ୍ଲକରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ୨୦୨୫ ରୂପାୟନ ଉଦ୍ଦେଶ୍ୟରେ ପଞ୍ଚଦିବସୀୟ ବ୍ଲକ ସ୍ତରୀୟ ଶିକ୍ଷକ ତାଲିମ ପ୍ରବୋଧନ ମହୁଲପାଲି ଉଚ୍ଚ ବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମର କେନ୍ଦ୍ର ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜବୋଡାସମ୍ବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସାହୁ ଯୋଗ ଦେଇ ପ୍ରଶିକ୍ଷାର୍ଥୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପାଠ୍ୟକ୍ରମ ରୂପାୟନ, ଭାରତୀୟ ଜ୍ଞାନ ପରମ୍ପରା, ପାଠ୍ୟକ୍ରମ ରୂପରେଖ, ନୂତନ ପାଠ୍ୟ ପୁସ୍ତକର ବୈଶିଷ୍ଟ୍ୟ, ଶିକ୍ଷଣ ଶିକ୍ଷାଦାନର ପଞ୍ଚପଦୀ ପଦ୍ଧତି, ପଞ୍ଚକୋଷୀୟ ବିକାଶ ଓ ଅନୁଭୂତି ଓ ଦକ୍ଷତା ଆଧାରିତ ଶିଶୁକେନ୍ଦ୍ରିକ ଶିକ୍ଷା ଉପରେ ମାର୍ଗଦର୍ଶନ ଦେଇଥିଲେ। ତାଲିମ କାର୍ଯ୍ୟକ୍ରମ ସାଧନକର୍ମୀ ଭାବେ ନେତ୍ରାନନ୍ଦ ସାହୁ, ଗୋବର୍ଦ୍ଧନ ବରିହା, ଶେଷଦେବ ସାହୁ, ପ୍ରେମସାଗର ପଧାନ, ରାଜ ସାହୁ, ବିଜୟ ସାହୁ ପରିଚାଳନା କରୁଛନ୍ତି। ସୁରେନ୍ଦ୍ର ରଣା ପ୍ରଧାନଶିକ୍ଷକ, ମହୁଲପାଲି ଉଚ୍ଚ ବିଦ୍ୟାଳୟ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ପରିଚାଳନା ହେଉଛି।

# ଗମ୍ଭାରୀପାଲି ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ

**ଅତାବିରା, ୧୫ା୨(ସମିସ):** ଅତାବିରା ବ୍ଲକ ଗମ୍ଭାରୀପାଲିସ୍ଥିତ ଶ୍ରୀଶ୍ରୀ ସୋମନାଥ ବାବା ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ବିଶ୍ୱନାଥ ମହାପାତ୍ର ସୋମନାଥ ବାବାଙ୍କର ପୂଜା କରିଥିଲେ। ସକାଳ ୧୦ଟା ସମୟରେ ବାବା ସୋମନାଥଙ୍କର ରୁଦ୍ରାଭିଷେକ ପୂଜା କରାଯାଇଥିଲା। ଜୟନ୍ତ କର୍ଣ୍ଣ ଓ ସସ୍ମିତା କର୍ଣ୍ଣ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଶାନ୍ତନ ମହାପାତ୍ର ଓ ପଣ୍ଡିତ ପୁରନ୍ଦର ପାଣିଗ୍ରାହୀ ରୁଦ୍ରାଭିଷେକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭକ୍ତ ମାନଙ୍କର ଲାଗି ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଓ ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ। ରବିବାର ସୋମନାଥ ବାବାଙ୍କର ମହାଶିବରାତ୍ରି ଉତ୍ସବ ପାଳନ ହେବ।

# ଅନିତ ଚକ୍ରବର୍ତ୍ତୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସମ୍ବଲପୁର ଚାମ୍ପିଅନ

**ବ୍ରଜରାଜନଗର, ୧୫ା୨ (ସମିସ):** ମହାବୀରନଗର ସ୍ଥିତ ଇଣ୍ଟିଗ୍ରିଟି କ୍ଲବ୍ ଦ୍ୱାରା ଆୟୋଜିତ ପ୍ରଥମ ଅନିତ ଚକ୍ରବର୍ତୀ ମେମୋରିଆଲ ଅଖିଳ ଭାରତୀୟ ଟି-୨୦ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଖେଳ ରବିବାର ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସ୍ୱର୍ଗତ ଅନିତ ଚକ୍ରବର୍ତୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସଂଘର୍ଷମୟ ଜୀବନ ଓ ସମାଜ ପ୍ରତି ଅର୍ପିତ ମନୋଭାବ ଯୁବପିଢି ପାଇଁ ସଦା ପ୍ରେରଣାଦାୟକ ରହିବ ବୋଲି ସେ କହିଥିଲେ। ଏହି ଅବସରରେ ବ୍ରଜରାଜନଗର ନଗରପାଳ ଗୋପାଳକୃଷ୍ଣ ସିତାନୀ ମଧ୍ୟ ଉପସ୍ଥିତ ଥିଲେ। ଫାଇନାଲ୍ ମ୍ୟାଚ୍‌ରେ ବ୍ରଜରାଜନଗର ଏମ୍ବିଶନ୍ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୧୦୯ ରନ୍ କରିଥିଲା। ଜବାବରେ ସମ୍ବଲପୁର ଦଳ ୧୬ ଓଭରରେ ୫ଟି ୱିକେଟ୍ ହାରାଇ ଲକ୍ଷ୍ୟ ହାସଲ କରି ଫାଇନାଲର ବିଜୟୀ ହୋଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ବିଜେତା ସମ୍ବଲପୁର ଦଳକୁ ଟ୍ରଫି ଓ ୩୧ ହଜାର ଟଙ୍କାର ଚେକ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। କ୍ଲବ୍‌ର ସଭାପତି ଅଭିଷେକ ସିଂ, ଚନ୍ଦନ ଶ୍ରୀବାସ୍ତବ, ପ୍ରଦୀପ ମହାନ୍ତି, ରାକେଶ ଶ୍ରୀବାସ୍ତବ, ଭିକି ପାତ୍ର, କିସମତ ଅଲି, ଅବଦୁଲ ହୁସେନ ପ୍ରମୁଖ ଖେଳରେ ସହଯୋଗ କରିଥିଲେ ଏବଂ ଖେଳାଳି, ସ୍ୱେଚ୍ଛାସେବୀ, ଦର୍ଶକ ଓ ଅନ୍ୟାନ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଉଦ୍‌ଘାଟିତ




**ଭେଡେନ, ୧୫ା୨(ସମିସ):** ଭେଡେନ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆପତକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାପାଇଁ ଏକ ନୂତନ ଆମ୍ବୁଲାନ୍ସ ଚାଲୁ ହୋଇଛି। ଭେଡେନ ହସ୍ପିଟାଲର ଇନଚାର୍ଜ ଡ.ସୁଧୀର ମେହେର ବରଗଡ଼ ଜିଲ୍ଲା ୧୦୮ ଆମ୍ବୁଲାନ୍ସର କ୍ଲଷ୍ଟରର ବୈରାଗୀ ଚରଣ ପସାୟତଙ୍କ ଉପସ୍ଥିତିରେ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଥିଲେ। ଆମ୍ବୁଲାନ୍ସ ଚାଳକ ଝସକେତନ କଣ୍ଟା, ଫାର୍ମାସିଷ୍ଟ କ୍ଷୀରସିନ୍ଧୁ ନାଗ ଓ ସହଯୋଗୀ ସୂର୍ଯ୍ୟବନ୍ତ ଛୁରିଆ, ଜିତୁ ବନଛୋରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାର ଅସ୍ମିତାର ପରିଚୟ ଧନୁଯାତ୍ରା

ବରଗଡ଼, ୧୫ା୨(ସମିସ)

ବରଗଡ଼ ଜିଲ୍ଲାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଗୁରୁ ଭଗବାନ ମିଶ୍ର ସ୍ମୃତି ସମିତି ତରଫରୁ ଆଲୋଚନାଚକ୍ର 'ପଶ୍ଚିମ ଓଡ଼ିଶାର ଅନନ୍ୟ ଯାତ୍ରା: ଧନୁଯାତ୍ରା' ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ହିନ୍ଦୀ ବିଭାଗ) ପରିସର ମଧ୍ୟରେ ଆୟୋଜିତ ହୋଇଯାଇଛି। ସମିତିର ସଭାପତି ପ୍ରିତମ ସିଂଙ୍କ ଅଧ୍ୟକ୍ଷତାରେ ତଥା ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରଟି ଡ.ରବିନାରାୟଣ ସାହୁଙ୍କ ସଦ୍ୟ ପ୍ରକାଶିତ ପୁସ୍ତକ ଉପରେ ପର୍ଯ୍ୟବେସିତ ଥିଲା। ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅଶୋକ ମହାପାତ୍ର ଓ ପଞ୍ଚାୟତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ଶେଷନ ବିଶି ପୁସ୍ତକର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ଉକ୍ତ ପୁସ୍ତକଟି ପାଠକଲେ ଜଣେ ପାଠକ ବରଗଡ଼ ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଧନୁଯାତ୍ରା ବିଷୟରେ ଜ୍ଞାନ ଆହରଣ କରି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଧନୁଯାତ୍ରା କେବଳ ବରଗଡ଼ ନୁହେଁ ବରଂ ସମଗ୍ର ପଶ୍ଚିମ ଓଡ଼ିଶାର ଅସ୍ମିତାର ପରିଚୟ ବୋଲି ତାଙ୍କର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସରସରା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଆଲୋକରଞ୍ଜନ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପୁସ୍ତକର ରଚୟିତା ଡ.ରବିନାରାୟଣ ସାହୁ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ଓ ସମିତିର ସଂଯୋଜକ ଅଧ୍ୟାପକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁପ୍ରଭା ସାମଲଙ୍କ ସମ୍ପାଦିତ ମହିଳା ପତ୍ରିକା 'ସୂର୍ଯ୍ୟସ୍ନାତ'ର ଚଳିତ ସଂଖ୍ୟା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସହରର ବହୁ ପ୍ରତିଷ୍ଠିତ ସାହିତ୍ୟିକଙ୍କ ମଧ୍ୟରୁ ରୋହିତ ଦାଶ, ମନୋରଞ୍ଜନ ମେହେର, ଦାମୋଦର ସାହୁ, ତୁଳସୀ ଚରଣ ଦାଶ, ଡ ଯଶବୀର ସିଂ, ଗୌରୀଶଙ୍କର ପଣ୍ଡା, ହୈମବତୀ ମିଶ୍ର, ତିଳକରାମ ପ୍ରଧାନ, ଦୟାନିଧି ମହାପାତ୍ର, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।



# ଦୀପ୍ତିପ୍ରଭା ବୌଦ୍ଧ ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାନେତ୍ରୀ, ଜସ୍ମିନୀ ପ୍ରଧାନ ରାଜ୍ୟ ଉପସଭାପତି

**ବୌଦ୍ଧ, ୧୫ ।୨(ସମିସ):** ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟନାୟକ ଦଳର ବିଭିନ୍ନ ଜିଲ୍ଲାର ସଭାନେତ୍ରୀ




ଓ କର୍ମକର୍ତ୍ତାଙ୍କ ଘୋଷଣା କରିଛନ୍ତି । ଏହି କ୍ରମରେ ବୌଦ୍ଧ ଜିଲ୍ଲାର ସଭାନେତ୍ରୀ ଭାବେ ପୂର୍ବତନ ବୌଦ୍ଧ ନଗରପାଳ ଦୀପ୍ତିପ୍ରଭା ସ୍ୱାଇଁଙ୍କୁ ମନୋନୀତ କରାଯାଇଛି । ସେହିଭଳି ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଜସ୍ମିନୀ ପ୍ରଧାନଙ୍କୁ ରାଜ୍ୟ ଉପସଭାପତି ଭାବେ ମନୋନୀତ କରାଯାଇଛି । ଉଭୟ ଦୀପ୍ତିପ୍ରଭାଓ ଜସ୍ମିନୀ ଏଥି ନିମିତ୍ତ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ପ୍ରଦୀପ ଅମାତ ଏବଂ ପୂର୍ବତନ ବିଧାୟକ ମହୀଧର ରଣାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି ।

# ସବିତା ପ୍ରଧାନ କଳାହାଣ୍ଡି ବିଜେଡି ମହିଳା ସଭାନେତ୍ରୀ

**ଭବାନୀପାଟଣା, ୧୫।୨ (ସମିସ):** ବିଜୁ ଜନତା ଦଳ(ବିଜେଡି) ରାଜ୍ୟ ସଭାପତି ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାର ମହିଳା ସଭାନେତ୍ରୀଙ୍କ ନାମ ଘୋଷଣା କରିଛନ୍ତି । ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ପାଇଁ ବିଜେଡି ମହିଳା ସଭାନେତ୍ରୀ ଭାବେ ସବିତା ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଯାହାକୁ ନେଇ ଜିଲ୍ଲା ବିଜେଡି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏହାପୂର୍ବରୁ ଶ୍ରୀମତୀ ପ୍ରଧାନ ବିଜେଡି ମହିଳା ସଶକ୍ତିକରଣର ରାଜ୍ୟ ସମ୍ପାଦିକା ଓ ଭବାନୀପାଟଣା ମ୍ୟୁନିସିପାଲଟିର ଉପାଧ୍ୟକ୍ଷା ପଦବୀରେ ରହି ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଆଗାମୀ ଦିନରେ ଜିଲ୍ଲାର ମହିଳା ସଂଗଠନକୁ ସୁଦୃଢ଼ କରିବା ସହ ଡବଲଇଞ୍ଜିନ ସରକାରଙ୍କ ବିଭିନ୍ନ ଅବହେଳା ଓ ଦୁର୍ନୀତିକୁ ନେଇ ସ୍ୱର ଉତ୍ତୋଳନ କରିବେ ବୋଲି ସଭାନେତ୍ରୀ ପ୍ରଧାନ ପ୍ରକାଶ





କରିଛନ୍ତି । ସେହିପରି ଦୀର୍ଘ ଦିନ ଧରି କଳାହାଣ୍ଡି ଜିଲ୍ଲା ମହିଳା ସଭାନେତ୍ରୀ ଦାୟିତ୍ୱରେ ଥିବା ପୂର୍ବତନ ପୌରାଧ୍ୟକ୍ଷା ଲଳିତା ନାଏକଙ୍କୁ ଦଳ ବଲାଙ୍ଗୀର ଜୋନ୍ ସଭାନେତ୍ରୀ ଭାବରେ ନିଯୁକ୍ତି ଦେଇଛି । ମହିଳା ନେତ୍ରୀ ସୁନନ୍ଦା ସାହୁଙ୍କୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ଓ ସାଧାରଣ ସମ୍ପାଦକ ଭାବରେ ହୀରା ବାଗ ଏବଂ ସଙ୍ଗୀତା ଖର୍ସେଲଙ୍କୁ ମନୋନୀତ କରିଥିବା ବେଳେ ମନିଷା ସାହୁ ରାଜ୍ୟ ସମ୍ପାଦକ ହୋଇଛନ୍ତି । ପ୍ରଥମଥର ଦଳ ଜିଲ୍ଲାର ପାଞ୍ଚ ଜଣ ମହିଳାଙ୍କୁ ରାଜ୍ୟ କମିଟିରେ ସ୍ଥାନ ଦେଇଥିବାରୁ ସମସ୍ତେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ତରଭା ବ୍ଲକ୍‌ର ବିଭିନ୍ନ ଶିବାଳୟରେ ମହାଶିବରାତ୍ରି

**ତରଭା, ୧୫ ।୨ (ସମିସ):** ତରଭା ବ୍ଲକର ବିଭିନ୍ନ ଶିବାଳୟରେ ମହାଶିବରାତ୍ରି ଉପଲକ୍ଷେ ଜାଗର ସହିତ ଜଳଶାୟୀ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ତରଭା ନିଳକଣ୍ଠେଶ୍ୱର ମହାଦେବ ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ମହାଦେବଙ୍କଠାରେ କ୍ଷୀରାଭିଷେକ ହୋଇଥିଲା । ପୂଜକ ଜନାର୍ଦ୍ଦନ ଥନାପତି, ଗୋବର୍ଦ୍ଧନ ଥନାପତି ଓ କୁଳମଣି ଥନାପତି ପୂଜାର୍ଚ୍ଚନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞରେ କୁଶଳେଶ୍ୱର ନାଏକ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପବିତ୍ର ମୋହନ ଶତପଥୀ, କିଶୋର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ । ରାତି ୧୨ଟାରେ ମହାଦୀପ ଉଠିଥିଲା । ଗୁଞ୍ଜୁରୁ ଗୁରୁ, ସନ୍ତୋଷ ସାହୁ, ବିମଳ ମାହାଣା, ଶଙ୍କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ନିକଟସ୍ଥ ବଇରାସର ଯୋଗେଶ୍ୱର ବାବା ମହାଦେବ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପୂଜକ ରଘୁନାଥ ଥନାପତି ଓ ମଙ୍ଗଳ ଥନାପତି ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ପରିସରରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ ନୀଳମଣି ମିଶ୍ର ପୂଜାର୍ଚ୍ଚନା କରିଥିଲେ । ରାକେଶ ମହାଣା ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଝିଲିମୁଣ୍ଡା ଗ୍ରାମର ବିମଳେଶ୍ୱର ବାବା ମହାଦେବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁ ମନ୍ଦିରରେ ଦୀପ ଜାଳି କ୍ଷୀର ଜଳଶାୟୀ କରିଥିଲେ । ଚମ୍ପେଶ୍ୱର ଥନାପତି ପୂଜାର୍ଚ୍ଚନା କରିଥିଲେ । ଅଷ୍ଟପ୍ରହର ନାମଯଜ୍ଞରେ ଜଗନ୍ନାଥ ଷଡ଼ଙ୍ଗୀ, ଲଳିତ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ । କର୍ତ୍ତା ଭାବେ ଟିକେଶ୍ୱର କୁଅଁର ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ । ସିଂହାରୀ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିରରେ ପୂଜକ ଯୁଧିଷ୍ଠିର ଥନାପତି ପୂଜାର୍ଚ୍ଚନା କରିଥିଲେ । ନାମଯଜ୍ଞରେ ପୂଜକ ଭାବେ ବୃନ୍ଦାବନ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିଲେ । କର୍ତ୍ତା ଭାବେ ଅମର ଚୌହାନ, କ୍ଷୀରୋଦ ସିଂ କୁଅଁର ଓ ଗଣ୍ଡାରାମ କୁଅଁର ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ । ଉଦ୍ରାପାଲି ଭୁବନେଶ୍ୱର ବାବା ମହାଦେବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁ ମନ୍ଦିରରେ ଦୀପ ଜାଳି କ୍ଷୀର ଜଳଶାୟୀ କରିଥିଲେ । ଟଙ୍କଧର ଥନାପତି ପୂଜାର୍ଚ୍ଚନା କରିଥିଲେ । ନାମଯଜ୍ଞରେ କର୍ତ୍ତା ଭାବେ ଅଶୋକ କ୍ଷେତୀ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ । ପ୍ରବୀର ବେଜ ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ପରିସରରେ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ । ହର ହର ମହାଦେବ ଧ୍ୱନୀରେ ମନ୍ଦିର ପରିସର ମୁଖରିତ ହୋଇଉଠିଥିଲା । ତରଭା ନୀଳକଣ୍ଠେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର, ଘାଟକଇଁନ୍ତରା କୁଶଳେଶ୍ୱର ବାବାଙ୍କ ମନ୍ଦିର, ପୁଆ ଧବଳେଶ୍ୱର ମନ୍ଦିର, ଦେଉଳପଦର ନର୍ମଦେଶ୍ୱର ମନ୍ଦିର, ତେନ୍ତୁଳିଖୁଣ୍ଟିର ପ୍ରସିଦ୍ଧ ଶୈବପୀଠ, ବାଲିଖମାର ଓ ବାରିକପାଲି ଶିବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜନ ହୋଇଥିଲା ।

# ଜଗନ୍ନାଥ ସଡ଼କ ପ୍ରଶସ୍ତୀକରଣରେ ବଳି ପଡୁଛି ଗଛ

**ବୌଦ୍ଧ, ୧୫ ।୨(ସମିସ)**



ବୌଦ୍ଧ ଜିଲ୍ଲାର ଧଳପୁରଠାରୁ ହରଭଙ୍ଗା ପର୍ଯ୍ୟନ୍ତ ଐତିହାସିକ ଜଗନ୍ନାଥ ସଡ଼କର ପ୍ରଶସ୍ତୀକରଣ ଓ ଉଚ୍ଚ ମାନର ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏହା ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବଡ଼ ବଡ଼ ଆମ୍ବ, ଲିମ୍ବ, ସିସିପା ଭଳି ମୂଲ୍ୟବାନ ଗଛ କଟା ଚାଲିଛି । ଗ୍ରୀଷ୍ମ ଋତୁ ଆସୁଥିବା ସମୟରେ ଗଛ କଟାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି । ଗୋଟିଏ ପଟେ ଯାତାୟାତ ସୁବିଧା ଓ ବିକାଶ କାର୍ଯ୍ୟକୁ ନେଇ ଲୋକେ ସ୍ୱାଗତ କରୁଥିବା ବେଳେ ଅନ୍ୟପଟେ ପୁରୁଣା ଓ ଛାୟାଦାୟୀ ଗଛ ବଳି ପଡୁଥିବାରୁ ପରିବେଶ ଉପରେ ପ୍ରଭାବ ପଡ଼ିବ ବୋଲି ମତ ପ୍ରକାଶ କରୁଛନ୍ତି । ସ୍ଥାନୀୟ ବାସିନ୍ଦା ଓ ପରିବେଶ ପ୍ରେମୀମାନେ କଟାଯାଉଥିବା ଗଛ ବଦଳରେ ଯଥାଶୀଘ୍ର ପୁନଃ ବନସ୍ଥାପନ କରାଯିବାକୁ ଦାବି କରିଛନ୍ତି । ଏହାସହ ରାସ୍ତା ଉଭୟ ପାର୍ଶ୍ୱରେ ଛାୟା ସହ ଓ ଫଳ ଗଛ ଲଗାଯିବା ଦରକାର ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏନେଇ ବୌଦ୍ଧ ଜିଲ୍ଲା ଡିଏଫଓ କହିଛନ୍ତି ଯେ, ରାସ୍ତା ନିର୍ମାଣ ପାଇଁ ୧୫୪୮ ଗଛ କଟାଯାଉଛି । ତାହାର ଦୁଇଗୁଣା ଗଛ ଲଗାଯିବ । ନିର୍ମାଣ କାର୍ଯ୍ୟ ସହ ପରିବେଶ ସନ୍ତୁଳନ ରକ୍ଷାକୁ ବନ ବିଭାଗ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଧଳପୁର-ହରଭଙ୍ଗା ପୂର୍ତ୍ତ ରାସ୍ତା (୧୩ କିମି) ନିର୍ମାଣ ପାଇଁ ୯୪ କୋଟି ୩୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ରାସ୍ତା ନିର୍ମାଣ ପୂର୍ବରୁ ଗଛ କଟା ଓ ଇଲେକ୍ଟ୍ରି ପୋଲ ସ୍ଥାନାନ୍ତର ପ୍ରକ୍ରିୟା ଚାଲୁ ରହିଛି ବୋଲି ବୌଦ୍ଧ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ ଛୁଆଳସିଂହ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଏହି ରାସ୍ତାରେ ବନ୍ୟା ଜଳ ପ୍ରଭାବିତ ହୁଏ । ଏହାଫଳରେ ଗମନାଗମନ ବିଚ୍ଛିନ୍ନ ହୋଇଥାଏ । ଏଣୁ ଏହି ରାସ୍ତାକୁ ଉଚ୍ଚ କରାଯିବ ।

## ବିଜେଡିର ପ୍ରମୁଖ ଦାୟିତ୍ୱରେ ନୂଆପଡ଼ାର ୩ ମହିଳାନେତ୍ରୀ

# ସନ୍ତୋଷିନୀ ସଭାପତି, ସରସ୍ୱତୀ ରାଜ୍ୟ ଉପସଭାପତି, ଖୁଲଣା ରାଜ୍ୟ ସାଧାରଣ ସମ୍ପାଦିକା

**ନୂଆପଡ଼ା, ୧୫।୨ (ସମିସ):** ରାଜ୍ୟ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ନୂଆପଡ଼ା ଜିଲ୍ଲାର ଆଗଧାଡ଼ିର ୩ ଜଣ ମହିଳାଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରମୁଖ ପଦ ପଦବୀ ଦାୟୀତ୍ୱ





ମିଳିଛି । ରାଜ୍ୟ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ସବୁ ଦାୟୀତ୍ୱ ଦେବା ପରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶୁଭେଚ୍ଛାର ସୁଅ ଛୁଟୁଛି । ନୂଆପଡ଼ା ଜିଲ୍ଲା ମହିଳା ସଭାପତି ଭାବେ ସନ୍ତୋଷିନୀ ସଲମାଙ୍କୁ ମନୋନୀତ କରାଯାଇଥିବାବେଳେ ସରସ୍ୱତୀ ବାଗଙ୍କୁ ରାଜ୍ୟ ଉପ ସଭାପତି, ପୂର୍ବତନ ଏନଏସି ଅଧ୍ୟକ୍ଷା ଖୁଲଣା ବେହେରାଙ୍କୁ ରାଜ୍ୟ ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା ମହିଳା ବିଜେଡି ମଧ୍ୟରେ କାର୍ଯ୍ୟକର୍ତ୍ତାମାନେ ଖୁସି ବ୍ୟକ୍ତ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖ୍ୟ ତୃଣମୂଳସ୍ତରରେ ସଙ୍ଗଠନ ମଜଭୁତ କରିବାକୁ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଛନ୍ତି । ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀଙ୍କ ସମେତ ସମସ୍ତ ପଦାଧିକାରୀ ଶୁଭେଚ୍ଛା ଜଣାଇଛନ୍ତି ।

# ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼



**ଖପ୍ରାଖୋଲ, ୧୫ ।୨(ସମିସ):** ବଲାଙ୍ଗିର ଜିଲ୍ଲାର ପବିତ୍ର ଶୈବ ପୀଠ ହରିଶଙ୍କରରେ ମହାଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବାବା ଧବଳେଶ୍ୱରଙ୍କୁ ସକାଳୁ ଆଳତି ହୋଇଥିଲା । ଏହାପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ଲମ୍ବା ଧାଡ଼ି ଲାଗିଥିଲା । ଏହି ଅବସରରେ ଶ୍ରଦ୍ଧାଳୁ ଦିନସାରା ଉପବାସ ରହିଥିଲେ । ଜାଗର ଦୀପ ପ୍ରଜ୍ୱଳନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର ଏହି ସୂଚନା ଦେଇଛନ୍ତି । ସେହିପରି କନ୍ଧରାଭଟା ଜଳାମହାଦେବ ମନ୍ଦିରରେ ମଧ ବାବା ତ୍ରିଲିଙ୍ଗେଶ୍ୱରଙ୍କଠାରେ ମହାଶିବରାତ୍ରି ମେଳା ଅନୁଷ୍ଠିତ ହୋଇଛି । ଏହା ସହିତ ଖପ୍ରାଖୋଲ ଅଞ୍ଚଳର ମହୁରୁଣ୍ଡି ଶୈବ ପୀଠ, ମାଳପଡ଼ା, କୁର୍ଲୁମାଳ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିଲା ।

# ଗୋରୁ ଚାଲାଣ ବେଳେ ଧରିଲା ବଜରଙ୍ଗ ଦଳ



**ଡୁଙ୍ଗୁରିପାଲି, ୧୫ ।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ବାଙ୍କିପାଲିରେ ପିକ୍‌ଅପ୍‌ରେ ବେଆଇନ ଭାବେ ଗୋରୁ ବୋଝେଇ ହୋଇ ଯାଉଥିବା ବେଳେ ବଜରଙ୍ଗ ଦଳର କର୍ମୀ ଧରିଛନ୍ତି । ଗାଡିରୁ ୬ଟି ଗୋରୁ ଉଦ୍ଧାର ହୋଇଛନ୍ତି । ଏହି ଘଟଣାରେ ୫ ଜଣ ଅଟକ ଅଛନ୍ତି । ବଜରଙ୍ଗ ଦଳର କର୍ମୀ ଗାଡିର ପିଛା କରି ବାଙ୍କିପାଲିରେ ଅଟକାଇବା ପରେ ରାମପୁର ପୁଲିସ ଜିମା ଦେଇଥିଲେ । ଭୀମ ପୋଢଙ୍କ ଅଭିଯୋଗ ଆଧାରରେ ପୁଲିସ ଗାଡି ଜବତ କରିଛି । ରିକୁନାଥ, ଭୀମ, ପ୍ରେମ ନାଇକ, ଶିବା ପଟେଲ, ରୋହନ ଭୋଇ, ଭୋଜରାଜ ବିଶି, ରୋହନ ବାଘ, ସୁନୀଲ ଭୁଏ ପ୍ରମୁଖ ଏହି ଗାଡିକୁ ପିଛା କରି ଧରିଥିଲେ ।

# ୭୮ ହଜାର ଅମଳକ୍ଷମ ଗଞ୍ଜେଇ ଗଛ ନଷ୍ଟ କଲା କଣ୍ଟାମାଳ ପୁଲିସ

**ବୌଦ୍ଧ, ୧୫ ।୨(ସମିସ):** ବୌଦ୍ଧ ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ପାଇଁ ଗ୍ରିନ୍ କ୍ଲିନ୍ କାର୍ଯ୍ୟକ୍ରମକୁ ହାତକୁ ନେଇ କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ ଟିମ୍ ମାତାକୁପା ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରି ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରିଛି । କଣ୍ଟାମାଳ ଥାନା ମାତାକୁପା ସଂରକ୍ଷିତ ଜଙ୍ଗଲ ଅଧୀନ ଡୁଲାବାଲି ନିକଟ ଘଞ୍ଚ ଜଙ୍ଗଲରେ ଚଢ଼ଉ କରି ୭୮ ଏକର ପରିମିତ ଜାଗାରେ ବେଆଇନ ଭାବେ ଚାଷ ହୋଇଥିବା ପ୍ରାୟ ୭୮ ହଜାର ଅମଳକ୍ଷମ ଗଞ୍ଜେଇ ଗଛକୁ କାଟି ପୋଡି ପୁଲିସ ନଷ୍ଟ କରିଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ଗଞ୍ଜେଇ ଚାଷୀଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଥିବା କଣ୍ଟାମାଳ ଥାନାଧିକାରୀ ଶ୍ରୀ ଭୋଇ ସୂଚନା ଦେଇଛନ୍ତି ।

# ରାଜ୍ୟସ୍ତରୀୟ ତୀରନ୍ଦାଜି ଚାମ୍ପିଅନସିପରେ ବୌଦ୍ଧ କ୍ରୀଡ଼ାବିତଙ୍କ କୃତିତ୍ୱ

**ବୌଦ୍ଧ, ୧୫ ।୨ (ସମିସ):** ସୁନ୍ଦରଗଡ଼ କ୍ରୀଡା କମ୍ପ୍ଲେକ୍ସରେ ଗତ ୧୨ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ୨୬ତମ ରାଜ୍ୟସ୍ତରୀୟ ତୀରନ୍ଦାଜି ଚାମ୍ପିୟନସିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ତୀରନ୍ଦାଜି ସଂଗଠନ ତରଫରୁ ଏହା ଚାଲିଥିଲା । ଏଥିରେ ବୌଦ୍ଧ ତୀରନ୍ଦାଜି ସଂଗଠନ ତରଫରୁ ସୁରଜ ମେହେର ଅଂଶ ଗ୍ରହଣ କରିଥିଲେ । ସବ୍ ଜୁନିଅର ଦଳର କମ୍ପାଉଣ୍ଡ ରାଉଣ୍ଡରେ ସେ ଦ୍ୱିତୀୟ ସ୍ଥାନ ଅଧିକାରକରୀ ରୌପ୍ୟ ପଦକ ହାସଲ କରିଛନ୍ତି । ସେ ବୁଟୁପାଲି ଗ୍ରାମର ଶ୍ରୀଯୁକ୍ତ ନିରଞ୍ଜନ ମେହେର ଓ ଶ୍ରୀମତୀ ସରିତା ମେହେରଙ୍କ ସୁପୁତ୍ର ଅଟନ୍ତି ।




# ପଳଶାଗୋରାରେ ଜାଗର ଯାତ୍ରା ଓ ଅଷ୍ଟପ୍ରହର ନାମଯଜ୍ଞ

**ପଳଶାଗୋରା, ୧୫ ।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଳଶାଗୋରାରେ ମହା ଶିବରାତ୍ରି ଅବସରରେ କପିଳେଶ୍ୱର ବାବାଙ୍କ ପୀଠରେ ବହୁଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତମାନେ ମହାଦେବଙ୍କ ଦର୍ଶନ କରି ମହାଦୀପ ଉଠିବା ପର୍ଯ୍ୟ ନ୍ତ ମନ୍ଦିର ଭିତରେ ଦୀପ ଜାଳି ବସିଥିଲେ । ଏହି ଅବସରରେ ମନ୍ଦିର ସମ୍ମୁଖରେରେ ଅଷ୍ଟ ପ୍ରହର ନାମଯଜ୍ଞ ହୋଇଥିଲା । ଏଥିରେ କର୍ତ୍ତା ଭାବେ ପ୍ରହଲ୍ଲାଦ ପ୍ରଧାନ ଓ ତାଙ୍କ ପତ୍ନୀ ଦାୟିତ୍ୱ ତୁଲାଇଥିଲେ । ପୂଜକ ଭାବେ ବନମାଳୀ ପ୍ରହରାଜ ଓ ଦାଶରଥି ପ୍ରହରାଜ ଦାୟିତ୍ୱ ତୁଲାଇଥିଲେ । ପୀତାମ୍ବର ଖମାରୀ, ସଚ୍ଚିଦାନନ୍ଦ ଖମାରୀ, ବ୍ରହ୍ମା ଖମାରୀ, ତରଣୀ ଖମାରୀ, ନିରଞ୍ଜନ ଖମାରୀ, ଅଚ୍ୟୁତ ଖମାରି ପ୍ରମୁକ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।

# ମହାଶିବରାତ୍ରି ଉପଲକ୍ଷେ ଗନ୍ଧରାଡ଼ି ପୀଠ ଚଳଚଞ୍ଚଳ

**ଜହ୍ନାପଙ୍କ, ୧୫ ।୨(ସମିସ):** ବୌଦ୍ଧ ଜିଲ୍ଲାର ଐତିହାସିକ ପୀଠ ଜଗତି ସ୍ଥିତ ଗନ୍ଧରାଢ଼ୀ ପୀଠ ପବିତ୍ର ଜାଗର ଯାତ୍ରା ତଥା ମହାଶିବରାତ୍ରି ଉପଲକ୍ଷେ ଚଳଚଞ୍ଚଳ ହୋଇ ଉଠିଥିଲା । ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ଉଜାଗର ରହି ଦୀପ ଜାଳିଥିଲେ । ବଡି ଭୋରରୁ ପ୍ରଭୁଙ୍କ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପୀଠକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା । ଭକ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ଭିଡକୁ ନିୟନ୍ତ୍ରଣ ପାଇଁ ବୌଦ୍ଧ ଥାନା ତଥା ଜହ୍ନାପଙ୍କ ଫାଣ୍ଡି ପକ୍ଷରୁ ପୁଲିସ ବ୍ୟବସ୍ଥା କରାଯାଇଥିଲା । ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନଙ୍କ ପକ୍ଷରୁ ଆଇନ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରୁ ଓଷା ରଖିଥିବା ଭକ୍ତମାନେ ପ୍ରଭୁଙ୍କ ସମ୍ମୁଖରେ ଦୀପ ଜାଳି ବସି ରହିଥିଲେ । ପ୍ରଭୁଙ୍କ ପୂଜା କାର୍ଯ୍ୟ ସମାପନ ପରେ ରାତି ୩ରେ ମହାଦୀପ ଉଠିଥିଲା । ଚାରିଶମ୍ଭୁ ମନ୍ଦିର ପୂଜା କମିଟି ତଥା ଅଶୋକ ବେଜିଙ୍କ ନେତୃତ୍ୱରେ ମନ୍ଦିର ପରିସରରେ ଭଜନ ସମାରୋହ ହୋଇଥିଲା । ମନ୍ଦିର କମିଟି ପକ୍ଷରୁ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଗ ପାଖରୁ ଅଞ୍ଚଳରୁ କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ସେହିପରି ଚଣ୍ଡୀଗଡ଼ସ୍ଥିତ ସ୍ୱପ୍ନେଶ୍ୱର ଚଣ୍ଡିତଳର ଗୁପ୍ତେଶ୍ୱର, ଦାମୋଦରପୁର, କେଉଁଟିନିତୁଆଁ, ଖଲିଆପାଲି, ଗମ୍ଭାରିପଦର, ବଘିଆପଡ଼ା, ଗୋଛାପଡ଼ା ଆଦି ମହାଦେବ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରାହିବା ସହ ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା ।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା/କୋମନା, ୧୫।୨(ସମିସ):** ସ୍ଥାନୀୟ କୋମନା ବ୍ଲକସଦର ମହାକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କସ୍ତୁରବା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଘମିତ୍ରା ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ବିଇଓ ଅନିତା ପଣ୍ଡା ମୁଖ୍ୟ ଅତିଥି, ଭୂପିନ୍ଦ୍ର ଖମାରୀ ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ସ୍ଥାନୀୟ ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ୱାର୍ଡ ମେମ୍ବର କାର୍ତ୍ତିକ ନିଆଲ, ସିଆରସିସି ବାରିଧି ତନୁଜା ସେଠୀ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ପ୍ଲାଷ୍ଟିକମୁକ୍ତ ଅଭିଯାନର ସମୀକ୍ଷା ବୈଠକ

**ନୂଆପଡ଼ା, ୧୫।୨(ସମିସ)**



ନୂଆପଡ଼ାରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଅଭିଯାନର ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ ସୁସ୍ଥ, ସବୁଜ ଭବିଷ୍ୟତ ପାଇଁ ସଂକଳ୍ପ ଓ ସଚେତନତାର ସ୍ପନ୍ଦନ ବୋଲି କହିଛନ୍ତି । ଏହି ଅଭିଯାନ ଅଧୀନରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାସ୍ତରୀୟ ସ୍ୱଚ୍ଛଟିମ୍‌ମାନେ ବିଭିନ୍ନ ବ୍ଲକ ଓ ଏନ୍‌ଏସିକୁ ସଂଯୁକ୍ତ ଭାବେ ପରିଦର୍ଶନ କରି କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଏହି ସଂଘଟିତ ପଦକ୍ଷେପ ଫଳରେ ପ୍ରାୟ ୫୫ କିଲୋଗ୍ରାମ ନିଷିଦ୍ଧ ସିଙ୍ଗଲ-ୟୁଜ ପ୍ଲାଷ୍ଟିକ ଜବତ କରାଯାଇଥିଲା, ୩, ୦୦୦ ଟଙ୍କା ଅର୍ଥଦଣ୍ଡ ଆଦାୟ ହୋଇଥିଲା ଏବଂ ପ୍ରାୟ ୨, ୫୦୦ କିଲୋଗ୍ରାମ ପ୍ଲାଷ୍ଟିକ ଅବଶିଷ୍ଟ ସଂଗ୍ରହ କରାଯାଇ ପରିବେଶ ସୁରକ୍ଷା ପଥରେ ଏକ ବଳିଷ୍ଠ ପଦକ୍ଷେପ ନିଆଯାଇଥିଲା । ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ୬ଟି ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟନ କରାଯାଇଥିଲା । ଜିଲ୍ଲାପାଳଙ୍କ ନେତୃତ୍ୱରେ ଇଏମଆରଏସ, ନୁଆପଡ଼ାରେ ଛାତ୍ରଛାତ୍ରୀମାନଙ୍କ ସହ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଅପରାହ୍ନରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଅଭିଯାନର ପ୍ରଗତି, ଆହ୍ୱାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ସମସ୍ତ ୮ଟି ସ୍ୱଚ୍ଛ ଟିମ ସହ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ଶ୍ରୀ ଦାଶ ଅଭିଯାନର ବର୍ତ୍ତମାନ ଗତିପଥ, ସ୍ୱଚ୍ଛ ଟିମର ପ୍ରଭାବ, ଜନ ସହଭାଗିତାର ବିସ୍ତାର ଓ ପ୍ଲାଷ୍ଟିକ ବିକଳ୍ପ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଦିଗଦର୍ଶନ ଦେଇଥିଲେ । ବୈଠକରେ ୟୁନିସେଫ ବିଶେଷଜ୍ଞ ଯୋଗେନ୍ଦ୍ର ସିଂହ ଓ ଜ୍ୟୋତିର୍ମୟ ଦେବ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନାୟକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇଙ୍କ ସହ ସମସ୍ତ ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନୂଆପଡ଼ା ଏନ୍‌ଏସି ଅଞ୍ଚଳର ତିନୋଟି ବର୍ତ୍ତନ୍ ବ୍ୟାଙ୍କ ଉଦ୍‌ଘାଟିତ ହୋଇଥିଲା । କାର୍ଯ୍ୟକ୍ରମକୁ ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା ସଂଯୋଜନା କରିଥିଲେ ।

## ■ ୨ ମାସ ହେଲା ପାନୀୟ ଜଳରୁ ବଞ୍ଚିତ ଭକ୍ତ

# ଅଚଳ ନଳକୂପ ସଜାଡୁନି ବିଭାଗ

**ବୌଦ୍ଧ, ୧୫ ।୨ (ସମିସ):** ଖରା ଆରମ୍ଭ ନ ହେଉଣୁ ଦେଖିବାକୁ ମିଳିଲାଣି ଜଳକଷ୍ଟ । କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ କୁମରକେଲି ଗ୍ରାମର ରାଧାକୃଷ୍ଣ ମଠଠାରେ ଥିବା ନଳକୂପଟି ଦୀର୍ଘ ୨ମାସରୁ ଅଧିକ ହେବ ଅଚଳ ହୋଇ ପଡ଼ିରହିଛି । ଏହା ଫଳରେ ଏଠାକୁ ଦୈନନ୍ଦିନ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁ ପାଣି ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ଏହାର ମରାମତି କରିବାକୁ ସରକାରୀ ନିର୍ଦ୍ଦେଶ ଅଛି; ହେଲେ ଜଳ ଓ ପରିମଳ ବିଭାଗ ଏହାକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି । ଅଚଳ ନଳକୂପକୁ ମରାମତି କରିବା ପାଇଁ ଅନେକ ଥର ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ଏହାର ମରାମତି କରା ନ ଯିବା ପରିତାପର ବିଷୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଖରା ଆରମ୍ଭ ନ ହେଉଣୁ ଜଳ ଯନ୍ତ୍ରଣା ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଆହୁରି ଅସମ୍ଭାଳ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଅଚଳ ନଳକୂପକୁ ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ତଥା ଭକ୍ତ ଓ ଶ୍ରଦ୍ଧାଳୁ ଦାବି କରିଛନ୍ତି । ଏ ସମ୍ପର୍କରେ କଣ୍ଟାମାଳସ୍ଥିତ ଜଳ ଓ ପରିମଳ ବିଭାଗୀୟ ଯନ୍ତ୍ରୀ ଅଜିତ ସେଠୀଙ୍କୁ ପଚାରିବାରୁ ତାଙ୍କ ପାଖକୁ ଏ ସମ୍ପର୍କରେ ଅଭିଯୋଗ ଆସିନାହିଁ । ସୋମବାର ଏହି ନଳକୂପର ମରାମତି କରାଯିବ ବୋଲି କହିଛନ୍ତି ।



